ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.315 Bhubaneswar Wednesday February 01 2023 | ୨୫ତମ ବର୍ଷ ସଂଖ୍ୟା–୩୧୫ ଭୁବନେଶ୍ୱର, ବୁଧବାର, ଫେବୃଆରୀ ୦୧, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ନବ ଦାସ ହତ୍ୟା ମାମଲା : ଏସପି ଓ ଏସଡିପିଓଙ୍କୁ ବଦଳି, ଉଠିଲା ପ୍ରଶ୍ନ





ଭୁବନେଶ୍ୱର,୩୧ ।୧(ପି.ଏନ): ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଗୁଳି କରି ହତ୍ୟା କରାଯିବାର ୪୮ ଘଣ୍ଟା ପରେ ବି ହତ୍ୟାର ପ୍ରକୃତ କାରଣ ଜଣାପଡିନଥିବାବେଳେ ରାଜ୍ୟ ସରକାର ଆଜି ଝାରସୁଗୁଡା ଜିଲ୍ଲା ପୁଲିସ ଏସପି ଓ ଏସଡିପିଓଙ୍କୁ ବଦଳି କରିଛନ୍ତି । ତେବେ ପରିବାର ସଦସ୍ୟ ଓ ବିରୋଧୀ ଦଳ ସଦସ୍ୟମାନଙ୍କ ଦ୍ୱାରା ହତ୍ୟା ପଛରେ ବଡଧରଣର ଷଡଯନ୍ତ୍ର ରହିଛି ବୋଲି ଅଭିଯୋଗ ହେଉଥିବାବେଳେ ଆଜିର ପୁଲିସ ବଦଳିକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ଝାରସୁଗୁଡା ଏସପି ଆଇପିଏସ୍ ରାହୁଲ ଜୈନଙ୍କୁ ପୁଲିସ ମୁଖ୍ୟାଳୟ ଏସପି ଭାବେ ବଦଳି କରାଯାଇଥିବାବେଳେ ବରଗଡ ଜିଲ୍ଲା ଏସପି ଆଇପିଏସ୍ ପରମାର ସ୍ମିତ ପୁରୁଷୋତ୍ତମଙ୍କୁ ଝାରସୁଗୁଡା ଏସପି , ବୌଦ୍ଧ ଏସପି ଆଇପିଏସ୍ ପ୍ରହଲ୍ଲାଦ ସହାଇ ମୀନାଙ୍କୁ ବରଗଡ ଏସପି ଏବଂ ରାୟଗଡାର ଅତିରିକ୍ତ ଏସପି ଆଇପିଏସ୍ ରାଜ ପ୍ରସାଦଙ୍କୁ ବୌଦ୍ଧ ଏସପି ଭାବେ ବଦଳି କରାଯାଇଛି । ଏହା ପୂର୍ବରୁ ଆଜି ବ୍ରଜରାଜନଗର ଏସଡିପିଓ ଗୁପ୍ତେଶ୍ୱର ଭୋଇଙ୍କୁ ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିଲା । ତାଙ୍କ ସ୍ଥାନରେ ଆଠମଲ୍ଲିକ ଏସଡିପିଓ ଚିନ୍ତାମଣୀ ପ୍ରଧାନଙ୍କୁ ନିଯୁକ୍ତି ମିଳିଛି ।

### ଗୋପାଳ ଦାସର ବଡ଼ ଭାଇଙ୍କୁ ଉଠାଇନେଲା କ୍ରାଇମବ୍ରାଂଚ

ଭୁବନେଶ୍ୱର, ୩୧ ।୧(ପି.ଏନ): ମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ଜାଂଚ କରୁଥିବା କ୍ରାଇମ ବ୍ରାଂଚ ମଙ୍ଗଳବାର ଦିନ ମାମଲାରେ ଅଭିଯୁକ୍ତ ତଥା ବହିଷ୍କୃତ ଏଏସଆଇ ଗୋପାଳ ଦାସର ବଡ଼ଭାଇଙ୍କୁ ଉଠାଇ ନେଇଥିବା ଜଣା ପଡିଛି । ହତ୍ୟାକାଣ୍ଡ ପୂର୍ବରୁ ବ୍ରଜରାଜ ନଗରରେ ଥିବା ତାଙ୍କର ବ୍ରହ୍ମପୁର ହୋଟେଲ ବନ୍ଦ କରି ବଡ଼ଭାଇ ସତ୍ୟନାରାୟଣ ଦାସ ଉଭାନ୍ ଥିଲେ । କ୍ରାଇମବ୍ରାଂଚ ଆଜି ତାଙ୍କୁ ଉଠାଇ ନେଇଛି । ସତ୍ୟନାରାୟଣଙ୍କୁ ଜେରାର କିଛି ଘଂଟା ପରେ ତାଙ୍କୁ ଉଠାଇ ନେଇଛି । ତେବେ କ୍ରାଇମବ୍ରାଂଚ ତାଙ୍କୁ କୁଆଡ଼େ ନେଇଛି ତାହା ସ୍ପଷ୍ଟ ହୋଇ ନାହିଁ ।

### ଭିଜିଲାନ୍ସ ଜାଲରେ ଜିଏମ ବ୍ରହ୍ମପୁର ସହର ସମେତ ୧୦ଟି ସ୍ଥାନରେ ଏକକାଳୀନ ଚଢ଼ଉ

ଗଞ୍ଜାମ, ୩୧ ।୧(ପି.ଏନ): ଭିଜିଲାନ୍ସ ଜାଲରେ ପଡିଛନ୍ତି ବ୍ରହ୍ମପୁର ଟିପିଏସଓଡିଏଲ କର୍ପୋରେଟ ଅଫିସର ବରିଷ୍ଠ ଜେନେରାଲ ମ୍ୟାନେଜର(ଜିଏମ) ପ୍ରମୋଦ କୁମାର ଚୌଧୁରୀ । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବ୍ରହ୍ମପୁର ଭିଜିଲାନ୍ସ ଡିଭିଜନ ପକ୍ଷରୁ ଏହି ଚଢ଼ଉ ହୋଇଛି । ପ୍ରମୋଦଙ୍କ ବ୍ରହ୍ମପୁର କୋର୍ଟପେଟା ସ୍ଥିତ କାର୍ଯ୍ୟାଳୟ, ବ୍ରହ୍ମପୁର ସହର ସିଦ୍ଧାର୍ଥ ନଗର ପ୍ରଥମ ଲେନ୍ ରେ ଥିବା ତିନି ମହଲା ବିଶିଷ୍ଟ ଘର ସମେତ ପୁରୀ ଓ ଗଞ୍ଜାମର ଏକକାଳୀନ ୧୦ଟି ସ୍ଥାନରେ ଏହି ଚଢ଼ଉ ହୋଇଛି । ଚଢ଼ଉ ବେଳେ ତାଙ୍କର ତିନୋଟି କୋଠା, ଗୋଟିଏ ଫ୍ଲାଟ, ଗୋଟିଏ ଫାର୍ମ ହାଉସ୍, ୯ଟି ପ୍ଲଟ ଠାବ କରାଯିବା ସହିତ ନଗଦ ୫୪ ହଜାର ୯୦୦ ଟଙ୍କା, ଗୋଟିଏ ଚାରିଚକିଆ, ଗୋଟିଏ ତିନି ଚକିଆ, ୩ଟି ଦୁଇ ଚକିଆ ଯାନ ଜବତ ହୋଇଛି ।

## ୧୫ ବର୍ଷ ବାଳକକୁ ଯୌନ ଶୋଷଣ ଅଭିଯୋଗରେ ମହିଳା ଗିରଫ, ଦେଇଥିଲେ ୨୦ ହଜାର ଟଙ୍କାର ମୋବାଇଲ୍

ନୂଆଦିଲ୍ଲୀ,୩୧ ।୧(ପି.ଏନ): ୧୫ ବର୍ଷ ବାଳକ ସହ ୩୨ ବର୍ଷ ମହିଳାଙ୍କ ଚାଲିଥିଲା ରାସଲୀଳା । ତେବେ ବାଳକକୁ ଯୌନ ଶୋଷଣ କରିବା ଅଭିଯୋଗରେ ପୋଲିସ୍ ମହିଳାଙ୍କୁ ଗିରଫ କରିଛି । ଏହି ଘଟଣା ନାସିକର କଲ୍ୟାଣରେ ଘଟିଛି । ବିବାହିତ ମହିଳାଙ୍କ ବିରୋଧରେ ପୋକ୍‌ସୋ ଆକ୍ଟ ଅନୁସାରେ ମାମଲା ରୁଜୁ କରିଛି ପୋଲିସ୍ ।ପୋଲିସ ଅନୁଯାୟୀ, ମହିଳାଙ୍କ ବାଳକ ସହ ସଂପର୍କ ଥିଲା । ସେ ନାବାଳକ ସହ କଥାବାର୍ତ୍ତା ହେବା ପାଇଁ ୨୦ ହଜାର ଟଙ୍କା ମୂଲ୍ୟର ସେଲଫୋନ୍ ଦେଇଥିଲା । ତେବେ କୌଣସି ମୋତେ ନାବାଳକର ଆବଭାବ ଅଭିଭାବକ ମନରେ ସନ୍ଦେହ ସୃଷ୍ଟି କରିଥିଲା । ପରେ ଶିକ୍ଷକଙ୍କ ସହାୟତାରେ ନାବାଳକୁ ବୁଝାଇ ତା ନିକଟରୁ ସତ୍ୟ ଓଗଳା ଯାଇଥିଲା । ବାଳକ ଶିକ୍ଷକଙ୍କ ସାମ୍ନାରେ ତାର ମହିଳାଙ୍କ ସହ ଥିବା ଯୌନ ସଂପର୍କ ବିଷୟରେ ବଖାଣିଥିଲା ।ଏହା ପରେ ନାବାଳକର ପରିବାର ଲୋକେ ମହିଳାଙ୍କୁ ନିଜ ପୁଅଠୁ ଦୂରେଇ ରହିବାକୁ ଚେତାବନୀ ଦେଇଥିଲେ । ଏହା ସତ୍ତ୍ୱ ? ନାବାଳକ ଏବଂ ମହିଳାଙ୍କ ମଧ୍ୟରେ କଥାବାର୍ତ୍ତା ଜାରି ରହିଥିଲା । ଏପରିକି ଉଭୟ ଦେଖା ସାକ୍ଷାତ ବି ହେଉଥିଲେ । ବାଧ୍ୟ ହୋଇ ବାଳକର ବାପା-ମାଆ କୋଲସେୱାଡି ଥାନାରେ ମହିଳାଙ୍କ ବିରୋଧରେ ଏଫଆଇଆର ଦେଇଥିଲେ । ଏତଲାକୁ ଭିତ୍ତି କରି ପୋଲିସ୍ ମହିଳାଙ୍କୁ ନାବାଳକକୁ ଯୌନ ଶୋଷଣ ଅପରାଧରେ ଗିରଫ କରିଛି ।

## ଦୁଷ୍କର୍ମ ମାମଲାରେ ଆଶାରାମକୁ ପୁଣି ଆଜୀବନ ଜେଲ୍



ଭୁବନେଶ୍ୱର,୩୧ ।୧(ପି.ଏନ): ଆଶ୍ରମ ଭିତରେ ମହିଳା ଅନୁଗାମୀଙ୍କୁ ବାରମ୍ବାର ଦୁଷ୍କର୍ମ କରିଥିବା ଆତ୍ମଘୋଷିତ ବାବା ଆଶାରାମ ବାପୁଙ୍କୁ ଆଜୀବନ ଜେଲଦଣ୍ଡ ମିଳିଛି । ସୋମବାର ଗୁଜରାଟର ଗାନ୍ଧିନଗରରେ ଥିବା ଗୋଟିଏ କୋର୍ଟ ଏହି ମାମଲାରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ଆଜି ସେସନ୍ସ କୋର୍ଟ ବିଚାରପତି ଡିକେ ସୋନି ସମସ୍ତ ଯୁକ୍ତି ଶୁଣିବା ପରେ ଆଶାରାମକୁ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି ।ଏହାପୂର୍ବରୁ ୨୦୧୩ ମସିହାରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରିବା ଘଟଣାରେ ଆଶାରାମ ବାପୁଙ୍କୁ ଆଜୀବନ ଜେଲଦଣ୍ଡ ମିଳିଥିଲା । ଏବେ ୮୧ ବର୍ଷୀୟ ଆଶାରାମ ଯୋଧପୁର ଜେଲରେ ରହିଛି । ୨୦୧୮ରେ ତାକୁ ରାଜସ୍ଥାନର ଗୋଟିଏ କୋର୍ଟ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଥିଲେ । ସେବେଠାରୁ ସେ ଜେଲରେ ଥିବା ବେଳେ ଆଜି ଆଉ ଗୋଟିଏ ଦୁଷ୍କର୍ମ ମାମଲାରେ ତାକୁ ଆଜୀବନ ସଜା ମିଳିଛି ।ଆଜି ଆଶାରାମ ଯେଉଁ ଦୁଷ୍କର୍ମ ମାମଲାରେ ଆଜୀବନ ଜେଲଦଣ୍ଡ ପାଇଛି, ତାହା ୨୦୧୩ରେ ଘଟିଥିଲା । ଦୁଷ୍କର୍ମର ଶିକାର ହୋଇଥିବା ମହିଳା ଜଣଙ୍କ ଆଶାରାମର ଆଶ୍ରମରେ ରହୁଥିଲେ । ସେ ଆଶ୍ରମରେ ରହୁଥିବା ବେଳେ ତାଙ୍କୁ ଆଶାରାମ ବାରମ୍ବାର ଦୁଷ୍କର୍ମ କରିଥିଲା । ଅହମଦାବାଦର ମୋଟେରାରେ ଥିବା ଆଶ୍ରମରେ ପୂରା ଘଟଣା ଘଟିଥିଲା ।

### କଲେକ୍ଟରିଏଟ ଭୋଜନାଳୟ
### ଅସ୍ୱାସ୍ଥ୍ୟକର ଓ ଧୂଆଁ ପରିବେଶରେ ଗ୍ରାହକ ଅତିଷ୍ଠ

ପୁରୀ, ୩୧ ।୧(ପି.ଏନ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରହିଛି କଲେକ୍ଟରିଏଟ ଭୋଜନାଳୟ । ସେହି ଭୋଜନାଳୟଟି କାର୍ଯ୍ୟାଳୟର ଗୋଟିଏ କୋଣରେ ବିଦ୍ୟୁତ୍ ସବଷ୍ଟେସନକୁ ଲାଗି ରହିଅଛି । ଏଠାକାର ଅସ୍ୱାସ୍ଥ୍ୟକର ପରିବେଶ ଓ କାଠ ଧୂଆଁ ଯୋଗୁଁ ଗ୍ରାହକମାନେ ଅତିଷ୍ଠ ହୋଇପଡୁଥିବା ପରିଲକ୍ଷିତ ହେଉଛି । ଏପରିକି କାଠ ଧୂଆଁ ବନ୍ଦ କରିବା ପାଇଁ ଓ ଜଙ୍ଗଲକ୍ଷୟ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ବିହିତ ବ୍ୟବସ୍ଥା କରାଯାଉଛି । ଭୋଜନାଳୟଟି ଚାଳ ଛପର ହୋଇଥିବା ବେଳେ ଚାଳ ଉପରେ କଳା ଜରିପାଲ ପଡ଼ିଛି । ଦୁଇ ତିନୋଟି ବଡ ଚୁଲିରେ କାଠ ଜାଳି ରୋଷେଇ କରାଯାଉଛି । କାଠ ଧୂଆଁରେ ଖାଲି ଗ୍ରାହକ ନୁହଁ ଆଇନଜୀବୀ, ମୋହରିର ଓ ଭେଣ୍ଡରମାନେ ଅତିଷ୍ଠ ହେଉଛନ୍ତି । ମର୍ଟନ ପାଇଁ ପ୍ରସିଦ୍ଧି ଲାଭ କରିଥିବା ଏହି ହୋଟେଲରେ ଅନେକ ଯୁବକ ମଦ୍ୟପାନ କରି ହୋଟେଲରେ ଖାଉଥିବା ଅଭିଯୋଗ ହେଉଛି । ବୋର୍ଡ଼ରେ ମଦ୍ୟପାନ ନିଷେଧ ଲେଖାଥିଲେ ମଧ୍ୟ ତାହା ଧର୍ମକୁ ଆଖିଠାର ସଦୃଶ ହୋଇଛି । କାଠ ନିଆଁରୁ ଯଦି ଚାଳକୁ ଧରେ ତେବେ ହୋଟେଲ ଜଳିବା ସହ ବିଦ୍ୟୁତ୍ ସବଷ୍ଟେସନ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି ।

## ବଜେଟ୍ ୨୦୨୩: ଇଭି ଗ୍ରାହକଙ୍କୁ ମିଳିପାରେ ବଡ଼ ଖୁସି ଖବର, ହୋଇପାରେ ବଡ଼ ଫାଇଦା



ନୂଆଦିଲ୍ଲୀ,୩୧ ।୧(ପି.ଏନ): ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୧ ଫେବୃଆରୀରେ ବଜେଟ୍ ଉପସ୍ଥାପନ କରିବେ । ବଜେଟ୍‌ରେ ଅଟୋମୋବାଇଲ ସେକ୍ଟର ଉପରେ ନଜର ରହିଛି । ବିଶେଷ କରି ଇଲେକ୍ଟ୍ରିକ୍ ଯାନକୁ ନେଇ କୌଣସି ବଡ଼ ଘୋଷଣା ଉପରେ ନଜର ରହିଛି । ଏହାର ସିଧା ଲାଭ ସେହିମାନଙ୍କୁ ହେବ ଯେଉଁମାନେ ଆଗାମୀ ସମୟରେ ଇଲେକ୍ଟ୍ରିକ୍ ଯାନ କିଣିବାକୁ ଯୋଜନା କରୁଛନ୍ତି । ପ୍ରକୃତରେ ଇଲେକ୍ଟ୍ରିକ୍ ଯାନ ଉପରେ ମିଳୁଥିବା ଏଫଏଏମଇ ୨ ସବସିଡିକୁ ବଢ଼ାଇବାକୁ ଅଟୋମୋବାଇଲ ସେକ୍ଟର ଲଗାତାର ଦାବି କରିଆସୁଛି । ଏହାର ସିଧା ଲାଭ ଗ୍ରାହକଙ୍କୁ ଦେବା ପାଇଁ ଦାବି ହେଉଛି । ଏମିତିରେ ଏବେ କୁହାଯାଉଛି ଯେ ସରକାର ଫେମ-୨ ସବସିଡିକୁ ବଢ଼ାଯାଇପାରେ ।ଏହି ସବସିଡିକୁ ଦୁଇ ବର୍ଷ ଅଧିକ ବଢ଼ାଯାଇପାରେ । ଫେମ ସବସିଡି ସରକାର ୨୦୧୯ ରେ ଲାଗୁ କରିଥିଲେ । ଏହାର ଅବଧି ୩୧ ମାର୍ଚ୍ଚ ୨୦୨୩ ରେ ସରିବାକୁ ଯାଉଛି । ତେଣୁ ଏହି ସବସିଡିକୁ ସରକାର ୨୦୨୫ ଯାଏଁ ବୃଦ୍ଧି କରିପାରନ୍ତି । ଏଥିପାଇଁ ଅଟୋମୋବାଇଲ ନିର୍ମାତାଙ୍କ ସହ ସାଧାରଣ ଲୋକଙ୍କ ମଧ୍ୟ ଦାବି କରାଯାଉଛି ଯେ ଏହି ସବସିଡିକୁ ବଢ଼ାଯାଉ ।

ଜିଏସଟି କମ୍ କରିବା ନେଇ ମଧ୍ୟ ହୋଇଛି ଦାବି:

ସେହିଭଳି ଇଭି ନିର୍ମାଣରେ ଲାଗୁଥିବା ପାର୍ଟ୍ସ ଉପରେ ଜିଏସଟି ୧୮ ରୁ ୨୮ ପ୍ରତିଶତ ଲାଗିଥାଏ । ଏମିତିରେ କାର୍‌ର ଦାମ୍ ବେଶ୍ ବଢ଼ିଯାଇଥାଏ । ଅଟୋ ଇଣ୍ଡଷ୍ଟ୍ରି ଅନୁଯାୟୀ ସ୍ୱୟାର ପାର୍ଟ୍ସ ଉପରେ ଜିଏସଟି ଏକାଭଳି ଲଗାଯିବା ଏବଂ ଦ୍ୱାରା ଦାମ୍ କମ୍ କରାଯିବାକୁ ଦାବି ହୋଇଛି । ଫଳରେ ଗ୍ରାହଙ୍କ ଉପରେ କମ୍ ବୋଝ ପଡ଼ିବ ଏବଂ ଇଲେକ୍ଟ୍ରିକ୍ ଯାନର ବିକ୍ରି ବଢ଼ିବ ।ସୂଚନାଯୋଗ୍ୟ, ସରକାର ଅନେକ ସମୟରୁ ଇଲେକ୍ଟ୍ରିକ୍ ଯାନକୁ ପ୍ରୋତ୍ସାହିତ କରୁଛନ୍ତି । ଇଲେକ୍ଟ୍ରିକ୍ ଯାନ ଯୋଗୁଁ ପ୍ରଦୂଷଣରେ ମଧ୍ୟ କମ୍ ହେବ ଏବଂ ଏହା ସହ ଇନ୍ଧନ ଖର୍ଚ୍ଚ ମଧ୍ୟ କମିବ । ଅବଶ୍ୟ ଇଲେକ୍ଟ୍ରିକ୍ ଯାନର ଅଧିକ ଦାମ୍ ଯୋଗୁଁ ସମସ୍ତେ କିଣିବାକୁ ପସନ୍ଦ କରୁନାହାଁନ୍ତି । ସରକାର ଏହାକୁ ସମସ୍ତଙ୍କ ପାଇଁ ସୁଲଭ କରିବାକୁ ଚେଷ୍ଟା କରୁଛନ୍ତି ।

ଏଥିପାଇଁ ସରକାର ଫେମ୍ ଅବଧିକୁ ବୃଦ୍ଧି କରିବା ଉପରେ ବିଚାର କରିପାରନ୍ତି । ଏହା ସହ ପାର୍ଟ୍ସରେ ଲାଗୁଥିବା ଜିଏସଟିକୁ ହ୍ରାସ କରାଯାଇପାରେ । କେନ୍ଦ୍ର ମନ୍ତ୍ରୀ ନିତିନ ଗଡକରୀ ମଧ୍ୟ ଲଗାତାର ଇଲେକ୍ଟ୍ରିକ୍ ଯାନ ଏବଂ ଇନ୍ଧନ ବିକଳ୍ପ ଇନ୍ଧନ ଦ୍ୱାରା ପରିଚାଳିତ ଗାଡ଼ିକ ପ୍ରୋତ୍ସାହନ କରିଆସୁଛନ୍ତି ।

## ପରୀକ୍ଷାରେ ବିଭ୍ରାଟ ଅଭିଯୋଗ; ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଛାତ୍ରୀଙ୍କ ଧାରଣା



ବ୍ରହ୍ମପୁର ,୩୧ ।୧(ପି.ଏନ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟ ଛାତ୍ରୀମାନେ ଧାରଣା ଦେଇଛନ୍ତି । ପରୀକ୍ଷା ପ୍ରଶ୍ନ ପତ୍ରରେ ଭୁଲ ଆସିଥିବା ବେଳେ ବର୍ଷକ ପରେ ପରୀକ୍ଷା ଫଳ ବାହାରିଛି । ସେଥିରେ ଅଧିକାଂଶ ଛାତ୍ରୀଙ୍କର ବେକ୍ ଲାଗିଥିବା ଅଭିଯୋଗ ହୋଇଛି । ଏହାର ପ୍ରତିବାଦରେ ଛାତ୍ରୀମାନେ ଧାରଣା ଦେଇଥିବା ଦେଖିବାକୁ ମିଳିଛି । ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ବହୁ ସମୟ ଆଲୋଚନା ପରେ ମଧ୍ୟ କୌଣସି ସୁଫଳ ନମିଳିବାରୁ ଛାତ୍ରୀମାନେ ଆନ୍‌ଦୋଳନ କରୁଥିବା କହିଛନ୍ତି ।

## ପର୍ଯ୍ୟଟନ ମାଧ୍ୟମରେ ଆମ ଦେଶର ଆର୍ଥିକ ଶକ୍ତି ଆହୁରି ମଜଭୂତ୍ ହେବ : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୩୧ ।୧(ପି.ଏନ):ପର୍ଯ୍ୟଟନ କେବଳ ମନୋରଞ୍ଜନ, ସଂସ୍କୃତି ଏବଂ ଐତିହ୍ୟକୁ ଜାଣିବାର ବିଷୟ ନୁହେଁ ବରଂ ପର୍ଯ୍ୟଟନ ଏକ ଅର୍ଥନୈତିକ ପ୍ରସଙ୍ଗ । ପର୍ଯ୍ୟଟନ ମାଧ୍ୟମରେ ଆମ ଦେଶର ଆର୍ଥିକ ଶକ୍ତି ଆହୁରି ମଜଭୂତ୍ ହେବ ବୋଲି ମଙ୍ଗଳବାର ନୂଆଦିଲ୍ଲୀ ଠାରେ ଐତିହାସିକ ଲାଲକିଲ୍ଲାର ପ୍ରାଙ୍ଗଣରେ 'ଭାରତ ପର୍ବ ୨୦୨୩'ର ଉଦଯାପନୀ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଭାରତ ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ପର୍ବ ଲୋକଙ୍କ ଉତ୍ସାହ ଓ ଦେଶ ପ୍ରତି ଲୋକଙ୍କର ଥିବା ଶ୍ରଦ୍ଧାକୁ ପ୍ରତିଫଳିତ କରୁଛି । ଦେଶର ସାଂସ୍କୃତିକ ଓ ପର୍ଯ୍ୟଟନକୁ ଉଲ୍ଲେଖ କରିବାକୁ ଯାଇ ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ସଂସଦରେ ଅନେକ

## LACରୁ LOC ଯାଏଁ ଦେଇଛୁ କଡ଼ା ଜବାବ: ରାଷ୍ଟ୍ରପତି ମୁର୍ମୁ



ନୂଆଦିଲ୍ଲୀ,୩୧ ।୧(ପି.ଏନ): ସଂସଦରେ ଆରମ୍ଭ ହୋଇଯାଇଛି ବଜେଟ୍ ଅଧିବେଶନ । ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ଏହା ହେଉଛି ଶେଷ ପୂର୍ଣ୍ଣାଙ୍ଗ ବଜେଟ୍ । ଆଜି ପ୍ରଥମ ଦିନରେ ସଂସଦର ମିଳିତ ଅଧିବେଶନକୁ ସମ୍ବୋଧନ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।ଭାରତ ଆତ୍ମ ନିର୍ଭର ହେବ । ପ୍ରଥମ ଥର ପାଇଁ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ବଢ଼ିଛି । ବର୍ତ୍ତମାନ ଭାରତରେ ଏକ ସ୍ଥାୟୀ ଓ ନିର୍ଣ୍ଣାୟକ ସରକାର ଚାଲିଛି । ବିକାଶ ସହ ବଢୁଛି ଭାରତ । ୨୦୪୬ ସୁଦ୍ଧା ଆମକୁ ସ୍ୱର୍ଣ୍ଣିମ ଭାରତ ଗଢ଼ିବାର ଅଛି ବୋଲି ନିଜ ଅଭିଭାଷଣରେ କହିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।ସେ ଆହୁରି କହିଛନ୍ତି, ବିକାଶରେ ଚାଲୁଥିବା ମୋ ସରକାରକୁ ୯ ବର୍ଷ ପୂରିବାକୁ ଯାଉଛି । ୯ ବର୍ଷରେ ବିଶ୍ୱରେ ଭାରତର ପରିଚୟ ବଦଳିଛି । ଆଜି ପ୍ରତି ଭାରତୀୟଙ୍କ ଆତ୍ମବିଶ୍ୱାସ ଶୀର୍ଷରେ ପହଞ୍ଚିଛି । ନରେନ୍ଦ୍ର ମୋଦିଙ୍କ ସରକାର ଆତଙ୍କବାଦକୁ ଦୃଢ଼ ଜବାବ ଦେଉଛି । ସର୍ଜିକାଲ ଷ୍ଟ୍ରାଇକ୍ ଆତଙ୍କବାଦୀଙ୍କ ଉପରେ କଠୋର ପ୍ରହାର କରିଛି । ଏଲ୍‌ଓସିରୁ ଏଲ୍‌ଏସି ଯାଏଁ ଶତ୍ରୁକୁ ସବୁଠି ମୁହଁତୋଡ ଜବାବ ଦିଆଯାଉଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

### ମେ ମାସ ସୁଦ୍ଧା ଭୁବନେଶ୍ୱରରୁ ବିଦେଶକୁ ଉଡ଼ିବ ବିମାନ

ଭୁବନେଶ୍ୱର, ୩୧ ।୧(ପି.ଏନ): ଆଗାମୀ ମଇ ମାସ ସୁଦ୍ଧା ଭୁବନେଶ୍ୱରରୁ ବିଦେଶକୁ ବିମାନ ଉଡିବ । ଭୁବନେଶ୍ୱର ଏୟାରପୋର୍ଟ ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଇଣ୍ଡିଗୋ ଏୟାର ଲାଇନ୍ସ ସହ ଚୁକ୍ତିସ୍ୱାକ୍ଷର କରାଯାଇଛି । ଇଣ୍ଡିଗୋ ବିମାନ ସିଙ୍ଗାପୁର, ଦୁବାଇ, ବ୍ୟାଙ୍କକକୁ ଉଡ଼ାଣ କରିବ । ବିମାନ ବନ୍ଦରର ପୁରୁଣା ଟର୍ମିନାଲ ବିଲ୍ଡିଂ ନୂତନ ରୂପ ପାଇବ ବୋଲି ସେ କହିଛନ୍ତି ।

## ୧୩ ଫେବୃୟାରୀରୁ ଓ.ଇ.ଆର.ସି. ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଜନ ଶୁଣାଣି :ଶୁଳ୍କ ବୃଦ୍ଧି ହେଲେ ଜନ ଆନ୍ଦୋଳନ ତୀବ୍ରତର ହେବ : ସମାଜବାଦୀ ପାର୍ଟି

ଭୁବନେଶ୍ୱର, ୩୧ ।୧(ପି.ଏନ): ଆସନ୍ତା ଫେବୃୟାରୀ ୧୩, ୧୪ ଓ ୧୫ ତାରିଖରେ ଓ.ଏଚ୍.ପି.ସି., ଓ.ପି.ଜି.ସି., ଓ.ପି.ଟି.ସି.ଏଲ୍. ଓ ଗ୍ରୀଡ୍‌କୋର ବାର୍ଷିକ ରାଜସ୍ୱ ଆବଶ୍ୟକତାକୁ ନେଇ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ (ଓ.ଇ.ଆର.ସି.) ପକ୍ଷରୁ ଜନଶୁଣାଣି ହେବାକୁ ଯାଉଛି । ଏହି ଜନଶୁଣାଣୀ ଆଳରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ କମ୍ପାନୀମାନେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରିବାର ସମ୍ଭାବନା ରହିଛି । ବର୍ତମାନ ୟୁନିଟ୍ ପିଛା ବିଦ୍ୟୁତ୍ ଗ୍ରାହକମାନେ ୩ ଟଙ୍କା ଦେଉଥିଲା ବେଳେ ଗ୍ରୀଡ୍‌କୋ ପକ୍ଷରୁ ବିଭିନ୍ନ ଆବ ନ କମ୍ପାନୀକୁ ଯୋଗାଇ ଦେଇଥିବା ବିଜୁଳି ୟୁନିଟ୍ ପିଛା ଟ.୩.୮୦ପଇସାକୁ ବୃଦ୍ଧି କରିବାକୁ ପ୍ରସ୍ତାବ ଦିଆଯାଇଅଛି । ଜନମତକୁ ବେଖାତିର କରି ଯଦି ଓ.ଇ.ଆର.ସି. କର୍ତ୍ତୃପକ୍ଷ ଆଗାମୀ ଆର୍ଥିକ ବର୍ଷ ପାଇଁ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରିବାକୁ ପଦକ୍ଷେପ ନିଅନ୍ତି, ତାହେଲେ ଗଣଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସମାଜବାଦୀ ପାର୍ଟି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଆଜି ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି କହିଛନ୍ତି ଯେ, ଓଡ଼ିଶା ହେଉଛି ଏକ ବିଜୁଳି ଉତ୍ପାଦକ ବଳକା ରାଜ୍ୟ । କିନ୍ତୁ ଏହି ରାଜ୍ୟରେ ବାରମ୍ବାର ଅଘୋଷିତ ବିଜୁଳିକାଟ ଦେଖିବାକୁ ମିଳୁଛି । ଆମ ରାଜ୍ୟରେ ବିଜୁଳି ଉତ୍ପାଦନର କଂଚାମାଲ୍ ଯଥା- ୨୬ ଭାଗ କୋଇଲା ଓ ୧୧ ଭାଗ ପାଣି ମିଳୁଛି । କିନ୍ତୁ ତା' ସତ୍ତ୍ୱେ ଓଡ଼ିଶାରେ ବିଜୁଳି ମହଙ୍ଗା । ଆମଠାରୁ କୋଇଲା ନେଇ ବିଜୁଳି ଉତ୍ପାଦନ କରୁଥିବା ଦିଲ୍ଲୀ, ପଞ୍ଜାବ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁ ପ୍ରଭୃତି ରାଜ୍ୟରେ ବିଦ୍ୟୁତ୍‌ଶୁଳ୍କ ଯଥେଷ୍ଟ ଶସ୍ତା ରହିଛି । ତେଣୁ ରାଜ୍ୟବାସୀଙ୍କର ସ୍ୱାର୍ଥ ଦୃଷ୍ଟିରୁ ଓ.ଇ.ଆର.ସି. କର୍ତ୍ତୃପକ୍ଷ ଶସ୍ତାରେ ବିଜୁଳି ଯୋଗାଇଦେବାକୁ ସେ ଦାବି କରିଛନ୍ତି । ସେହିଭଳି ରାଜ୍ୟର ଜନସାଧାରଣ ଓ ଚାଷୀମାନଙ୍କୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାସିକ ବିଜୁଳି ମାଗଣାରେ ଯୋଗାଇଦେବା ସହିତ ଛାତ୍ରଛାତ୍ରୀମାନଙ୍କର ପରୀକ୍ଷା ଋତୁକୁ ଆଖି ଆଗରେ ରଖି ଅଘୋଷିତ ବିଜୁଳିକାଟ ବନ୍ଦ କରାଯାଉ । ରାଜ୍ୟରେ ସୌର ବିଦ୍ୟୁତ୍ ଉତ୍ପାଦନ ପାଇଁ ବ୍ୟାପକ ଭିତିଭୂମି ଥିଲେ ସୁଦ୍ଧା ସେଥିପ୍ରତି ଓ.ଇ.ଆର.ସି. କର୍ତ୍ତୃପକ୍ଷ କୌଣସି ଆଖିଦୃଶିଆ ପଦକ୍ଷେପ ନ ନେବା ଦୁର୍ଭାଗ୍ୟର ବିଷୟ ବୋଲି ଶ୍ରୀ ବେହେରା କହିଛନ୍ତି । ତେଣୁ ଆଗାମୀ ଦିନରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧିକୁ ବନ୍ଦ ରଖାଯାଉ, ତା' ନହେଲେ ବିଜୁଳିକୁ ନେଇ ଜନସାଧାରଣଙ୍କ ଭିତରେ ଯେଉଁ ଜନଅସନ୍ତୋଷ ରହିଛି, ଏହାକୁ ପୁଞ୍ଜିକରି ବ୍ୟାପକ ଗଣ ଆନ୍ଦୋଳନ କରାଯିବ । ଟାଟା ପାୱାର ପକ୍ଷରୁ ଏବେ ବିଭିନ୍ନ ସ୍ଥାନରେ ମିଟର ବଦଳା ଯାଉଛି । ଖାଲି ଖରାପ ଥିବା ମିଟର ନୁହେଁ, ଏଭଳିକି ଚାଲୁ ଅବସ୍ଥାରେ ଥିବା ମିଟରକୁ ଟାଟା ପାୱାର କର୍ତ୍ତୃପକ୍ଷ ବଦଳାଇ ନିଜସ୍ୱ ମିଟର ବସାଉଛନ୍ତି । ଫଳରେ ବିଜୁଳି ବିଲ୍ ଅଧିକ ଉଠୁଛି ଏବଂ ଜନସାଧାରଣଙ୍କୁ ଅଧିକ ତଣ୍ଡ ଗଣିବାକୁ ପଡୁଛି । ମିଟର ବାବଦକୁ ପାଖାପାଖି ଜଣେ ଗ୍ରାହକକୁ ୧୦ରୁ ୧୨ ହଜାର ଟଙ୍କା କିସ୍ତି ଭିତିରେ ଦେବାକୁ ହେଉଛି । ତେଣୁ ତୁରନ୍ତ ଏହି ମିଟର ବଦଳାଇବା କାର୍ଯ୍ୟକ୍ରମକୁ ସ୍ଥଗିତ ରଖିବା ପାଇଁ ଓ.ଇ.ଆର.ସି. କର୍ତ୍ତୃପକ୍ଷ ଓ ସରକାର ଟାଟା ପାୱାରକୁ ନିର୍ଦ୍ଦେଶ ଦେବାକୁ ଶ୍ରୀ ବେହେରା ଦାବି କରିଛନ୍ତି ।

## ସରିଲା ବିଶ୍ୱକପ ହକି, ସଜେଇ ହୋଇଥିବା ରାଉରକେଲା ତାର ପୁରୁଣା ବ୍ୟବସ୍ଥାକୁ ଫେରିଲା : ଟ୍ରାଫିକ ଲାଇଟ ବନ୍ଦ, ଲୁହା ଚୋରି ଆରମ୍ଭ

ରାଉରକେଲା, ୩୧ ।୧(ପି.ଏନ): ରାଉରକେଲା ସହରରେ ଚାଲିଥିବା ବିଶ୍ୱକପ ହକି ଖେଳ ସରିଯାଇଥିବା ବେଳେ ସହରକୁ ଆସିଥିବା ଲୋକେ ପ୍ରାୟ ସହର ଛାଡିସାରିଛନ୍ତି, ଏତିକିବେଳେ ସଜେଇ ହୋଇଥିବା ରାଉରକେଲା ପୁଣି ତାର ପୁରୁଣା ଅବସ୍ଥାକୁ ଫେରିବାରେ ଲାଗିଥିବା ଦେଖାଯାଇଛି । ସହରର ବିଭିନ୍ନ ସ୍ଥାନରେ ଲଗାଯାଇଥିବା ଲୁହା ରଡ ରେଲିଂ କଟାଯାଇ ଚୋରୀ ଆରମ୍ଭ ହୋଇଥିବା ବେଳେ ଟ୍ରାଫିକ ଲାଇଟ ଗୁଡିକ ବନ୍ଦ ରହିଛି । ସହର ଡିଏଭି ପୋଖରୀକୁ ସୁନ୍ଦର ଭାବେ ସଜାଯାଇଥିଲା, ତାର ପାଚେରୀରେ ଲୁହା ପାଇପ ଲଗାଯାଇ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା, ହେଲେ ସେଗୁଡିକ କାଟି ଚୋରି ହେବାରେ ଲାଗିଛି । ହକି ଆରମ୍ଭରେ ମଧ୍ୟ ଏସବୁ ଚୋରି ହୋଇଥିଲା, ଏବେ ମଧ୍ୟ ଚୋରି ଚାଲିଛି । ରାସ୍ତା ମଝିରେ ଲଗା ଯାଇଥିବା ରେଲିଂ ଯାହା କି ବିମାନ ବନ୍ଦର ପାଖରେ ରହିଛି ସେଗୁଡିକରୁ ଅନେକ ରେଲିଂ ଚୋରି ହେଉଥିବା ଜଣାପଡିଛି । ଖାଲି ସେତିକି ନୁହେଁ ସହରର ବିଭିନ୍ନ ଛକରେ ଟ୍ରାଫିକ ଲାଇଟ ଗୁଡିକ ମୁଖ୍ୟମନ୍ତ୍ରୀ ଆସିବା ଦିନ ଜଳୁଥିଲା ଲୋକେ ନିୟମକୁ ପାଳନ କରୁଥିଲେ ହେଲେ ତା ପର ଠାରୁ ଆଉ ସେ ଲାଇଟ ଗୁଡିକ ଜଳୁନି । ଛେଣ୍ଡ ଛକ, ଡିଏଭି ଛକ ତାର ଉଦାହରଣ । ତେବେ ହକି ସମୟରେ ସହରର ଗାଇ ଗୋରୁ ଷଣ୍ଢ ମାନେ ରାସ୍ତା ଉପରକୁ ଆସିପାରୁନଥିଲେ,ଏବେ ସେମାନେ ରାସ୍ତା ମଝିରେ ବୁଲିବା ଆରମ୍ଭ କରିଛନ୍ତି ।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ବେଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଡକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଡନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

## ମେଷ

ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

## ବୃଷ

ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

## ମିଥୁନ

ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

## କର୍କଟ

ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

## ସିଂହ

ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

## କନ୍ୟା

ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

## ତୁଳା

ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

## ବିଛା

ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

## ଧନୁ

ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

## ମକର

କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

## କୁମ୍ଭ

ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

## ମୀନ

ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ପାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ଟିକେ ଶୁଣିବା ଆସନ୍ତୁ ! !



‘ଆଜ୍ଞା, ଟିକେ କାନ ପରୀକ୍ଷା କରାଇ ଦେଉନାହାଁନ୍ତି ?’ - ଆଜିର ସମୟରେ ସାଧାରଣତଃ ଜଣକୁ ତାଙ୍କର ଦେହପାଆ ଭଲ ମନ୍ଦ କଥା ବୁଝି ଏହି କଥାଟି କୁଶଳ ମଙ୍ଗଳରେ ପଚାରିଲେ ଉତ୍ତର ପାଇବେ - ‘ମୁଁ କ’ଣ କାଳା କି ?’ ଅତି ବିନମ୍ର ଭାବେ ଏହି ଲେଖକ ଏହି ଶବ୍ଦଟିକୁ ସୂଚୀତ କରୁଛି କି ଯେ ମଣିଷ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାନ ପ୍ରତି ଆମେ ଯେ କେତେ ଅବହେଳା କରୁଛେ ତାହା ହିଁ ସବୁଠାରୁ ବଡ଼ ଉଦ୍‌ବେଗର କଥା। ଜଣେ ପରିଚୟ, ଗୌରବ, ସୁନ୍ଦରତା, ଶାଳୀନତା ସବୁକିଛି ଥାଇ ବି ଜଣଙ୍କ କଥା ବା ବେଦନା ଶୁଣି ନପାରିବା ଅତ୍ୟନ୍ତ ମର୍ମନ୍ତୁଦ। ବର୍ତ୍ତମାନର ସମୟରେ ଆମ କାନ ସୂଚନା ପ୍ରଯୁକ୍ତିର ଆଗୁଆ ଦୌଡ଼ ଭିତରେ ଅଧିକ କଷ୍ଟ ବି ପାଉଛି। ଅତ୍ୟାଧୁନିକ ମିଡ଼ିଆ ଯୋଗାଯୋଗ, ହାତ ପାହାନ୍ତାର ମୋବାଇଲ, ଗାଡ଼ିମଟରର କର୍କଶ ଧ୍ୱନୀ, ଧୂଳି, ଧୂଆଁ ସବୁକିଛି ତ ଆମ କାନର ପରିବେଶକୁ ଯେତିକି ବିଷାକ୍ତ କଲାଣି ତତୋଧିକ କ୍ଷତି କରିସାରିଲାଣି। ଏହି ଲେଖକ ଚିକିତ୍ସା ସେବା ଭିତରେ ଆଶ୍ଚର୍ଯ୍ୟକର ଭାବେ ଯୁବକ ମାନଙ୍କ ଠାରେ ଶ୍ରବଣହାନୀର ମାତ୍ରାଧିକ ସଂଖ୍ୟା ଦେଇଛନ୍ତି ଯାହାକି ତାଙ୍କ କର୍ମବୃତ୍ତି ଜୀବନର ଏହି ପାଞ୍ଚ ବର୍ଷ ତଳେ ବି ସେ ସାମ୍ନା କରିନଥିଲେ। ମୋବାଇଲ ଓ ବ୍ଲୁଟୁଥ୍‌ର ବହୁଳ ବ୍ୟବହାର ହେଉଛି ଏହାର ପ୍ରମୁଖ କାରଣ। ପ୍ରଥମ ବିଶ୍ୱ ଶ୍ରବଣ ଦିବସ (ୱାର୍ଲଡ଼ ହିୟରିଂ ଡେ) ଡବ୍ଲ୍ୟୁଏଚ୍‌ଓ ଦ୍ୱାରା ୨୦୦୭ ମସିହାରୁ ଆରମ୍ଭ ହୋଇଥିଲା। ୨୦୧୬ ମସିହା ପର୍ଯ୍ୟନ୍ତ ଏହି ଦିବସଟିକୁ ଅନ୍ତର୍ଜାତୀୟ କର୍ଣ୍ଣଯତ୍ନ ଦିବସ (ଇଣ୍ଟର ନ୍ୟାସନାଲ ଇୟର କେୟାର ଡେ) ହିସାବରେ ପାଳନ କରାଯାଉଥିଲା। ମାର୍ଚ୍ଚ ୩ (୩.୩) ପ୍ରତୀକାତ୍ମକ ଭାବରେ ଜଣଙ୍କର ଦୁଇଟି କାନକୁ ବୁଝାଇଥାଏ। ଏହାକୁ ଆଧାର କରି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏହି ଦିବସକୁ ଏକ ମହାନ କାର୍ଯ୍ୟ ପାଇଁ ଉତ୍ସର୍ଗ କରିଛି। ଏହି ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଲା ବିଶ୍ୱରେ ଶ୍ରବଣ ସମସ୍ୟାକୁ ପ୍ରତିରୋଧ କରିବା ସଙ୍ଗେ ସଙ୍ଗେ ଜନ ସମାଜକୁ କାନର ଯତ୍ନ ନେବାରେ ବ୍ରତୀ କରିବା। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଏକ ହିସାବ ଅନୁଯାୟୀ ବିଶ୍ୱରେ ପ୍ରାୟ ୩୬କୋଟି ଲୋକ ଶ୍ରବଣହାନୀରେ ପୀଡିତ। ଯାହା ଏକ ପ୍ରକାର ବିକଳାଙ୍ଗତା ସୃଷ୍ଟି କରିଥାଏ। ପ୍ରାୟ ୧୦୦ କୋଟିରୁ ଅଧିକ ୧୨ରୁ ୩୫ ବର୍ଷୀୟ ଯୁବକ ଯୁବତୀ ମଧ ବିଭିନ୍ନ ଜାତିର ତୀବ୍ର ଶବ୍ଦ ଏବଂ ମୋବାଇଲ ଭଳି ରେଡ଼ିଏସନର ପ୍ରଭାବରେ ଅଳ୍ପ ବହୁତ ପ୍ରଭାବିତ ହୋଇଥାନ୍ତି। ତେଣୁ ଏଥିରୁ ବୁଝିବାକୁ ହେବ ଯେ ସମଗ୍ର ଜନସଂଖ୍ୟାର ପ୍ରାୟ ଶତକଡ଼ା ୬ ଭାଗ ଲୋକ ବଧୀରତାର ଶିକାର ହୋଇଥାନ୍ତି। ଏକ ହିସାବରୁ ଜଣାଯାଇଛି ଯେ ଇଂଲଣ୍ଡରେ ମାତ୍ର ୨୦% ଲୋକ ଶ୍ରବଣ ଦୋଷ ହେଲେ ଡାକ୍ତରଙ୍କୁ ପରାମର୍ଶ କରିଥାନ୍ତି। ଏହା ବ୍ୟକ୍ତି ଏବଂ ସମାଜ ପାଇଁ ବହୁତ କ୍ଷତିକାରକ। ଦକ୍ଷିଣ ଆଫ୍ରିକାର ଲୋକମାନେ ଶ୍ରବଣହାନୀ ହେବାର ୫ରୁ ୧୬ ବର୍ଷ ପର୍ଯ୍ୟନ୍ତ ଡାକ୍ତର ପରାମର୍ଶ ଲୋଡ଼ି ନଥାନ୍ତି ବୋଲି ଏକ ସର୍ଭେରୁ ଜଣାପଡ଼ିଛି। ଏହି ସବୁ କାରଣରୁ ବ୍ୟକ୍ତିର କ୍ଷତି ହେବା ସଙ୍ଗେ ସଙ୍ଗେ ଦେଖାଯାଇଛି ଯେ ବିଶ୍ୱର ଅର୍ଥନୈତିକ ଅଭିବୃଦ୍ଧିରେ ପ୍ରାୟ ୭୫ହଜାର କୋଟି ଡଲାରର ବର୍ଷକୁ କ୍ଷତି ହେଉଛି। ଏହା ଏକ ବହୁତ ବଡ଼ ଆର୍ଥିକ କ୍ଷତି। ଏହା ହେଲା ଏକ ସାମଗ୍ରୀକ ଆକଳନ। ଭାରତ ଭଳି ବିକାଶମୁଖୀ ଦେଶ ମାନଙ୍କର କଥା ଆହୁରି ଭୟାନକ। ଏସବୁକୁ ଆଖି ଆଗରେ ରଖି ପ୍ରତି ବର୍ଷ ଏକ ଥିମ୍ ବା ବିଷୟବସ୍ତୁ ଉପରେ ଆଧାର କରି ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପ୍ରତି ବର୍ଷ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ଶ୍ରବଣ ଦିବସ ବା ୱାର୍ଲଡ଼ ହିୟରିଂ ଡେ ଭାବରେ ପାଳନ କରୁଛି। ଏ ବର୍ଷର ବାର୍ତ୍ତା ହେଲା ‘ଚେକ୍ ୟୋର ହିୟରିଂ’ (ଆପଣଙ୍କ କାନ ପରୀକ୍ଷା କରାଇ ଦିଅନ୍ତୁ)। ଏହି ଅବସରରେ ସାଧାରଣ ନାଗରିକଟିଏ କାନର କିଛି ଅସୁବିଧା ଥାଉ ବା ନଥାଉ ଶ୍ରବଣ ପରୀକ୍ଷା ବା ଅଡ଼ିଓ ମେଟ୍ରିକ କରାଇନେବା ଉଚିତ। ଏଥିପାଇଁ ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ତରଫରୁ ଏହି ଦିନ ମାଗଣା ଶ୍ରବଣ ପରୀକ୍ଷାମାନ କରାଯାଉଛି। ଏଠାରେ କହିରଖିବା ଉଚିତ ଯେ କାନର କେତେକ ବିଶେଷ ଲକ୍ଷଣ ଥିଲେ ଜଣେ ନିଶ୍ଚିନ୍ତ ଭାବରେ ଶ୍ରବଣ ପରୀକ୍ଷା କରାଇନେବା ବାଞ୍ଛନୀୟ। ଉଦାହରଣ ସ୍ୱରୂପ - କାନରେ ଶବ୍ଦ ହେଲେ, କାନ ବିନ୍ଧା ହେଲେ, କାନକୁ କମ୍ ଶୁଭିଲେ, କାନ ଜାମ ଲାଗିଲେ, କାନ କୁଣ୍ଡେଇ ହେଲେ, ମୁଣ୍ଡ ବୁଲାଇଲେ, କାନରୁ ପାଣି କିମ୍ବା ପୂଜା ବାହାରିଲେ ବିଳମ୍ବ ନକରି ଯଥାଶୀଘ୍ର ନିକଟସ୍ଥ ବାକ୍‌ଶ୍ରବଣ ବିଶେଷଜ୍ଞଙ୍କୁ ପରାମର୍ଶ କରାଇବା ଉଚିତ। ଏହାଛଡ଼ା ନବଜାତ ଶିଶୁର ଶ୍ରବଣ ପରୀକ୍ଷା ନିହାତି ଅପରିହାର୍ଯ୍ୟ। ଆଜିକାଲି ମା’ପେଟରେ ଥିବା ସାତ ମାସରୁ ଉର୍ଦ୍ଧ୍ୱ ଶିଶୁର ଶ୍ରବଣ ପରୀକ୍ଷାମାନ କରାଯାଇପାରୁଛି। ସରକାରଙ୍କ ତରଫରୁ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ନବଜାତ ଶିଶୁମାନଙ୍କର ଠିକ୍ ଜନ୍ମ ପରେ ପରେ ଶ୍ରବଣ ପରୀକ୍ଷା କରାଯାଉଛି। ଯାହାଦ୍ୱାରା ଭବିଷ୍ୟତରେ ସେମାନେ ଉପଯୁକ୍ତ ଚିକିତ୍ସା, ଉପଯୁକ୍ତ ସମୟରେ ପାଇପାରୁଛନ୍ତି। ଏତ ଗଲା ଶ୍ରବଣ ପରୀକ୍ଷାର କଥା। ଆଉ ଟିକେ ଯତ୍ନଶୀଳ ହେଲେ ଆମେ ଶ୍ରବଣଦୋଷକୁ ଅଟକାଇ ପାରିବା। ଉଦାହରର ସ୍ୱରୂପ ଅଧିକ ଲୁଣ ଖାଇଲେ, ଅଧିକ ପାଣି ପିଇଲେ, ଆଲକୋହଲ, ନିକୋଟିନ ଏବଂ ଟବାକୋ ଭଳି ନିଶାସେବନ କଲେ କାନର ସ୍ନାୟୁ ଦୁର୍ବଳ ହୋଇ ଶ୍ରବଣହାନୀ ହୋଇଥାଏ। ଏଥିରୁ ନିବୃତ୍ତ ରହିବା ଉଚିତ। ବହୁତ ସମୟ ଥଣ୍ଡାରୁ ନାକରୁ ପାଣିଗଡ଼େ ତାହାଦ୍ୱାରା କାନରେ ପାଣି ଏବଂ ପୂଜ ସୃଷ୍ଟି ହୋଇ ଶ୍ରବଣହାନୀ ହୁଏ। ସେଥିପାଇଁ ସର୍ଦ୍ଦି ହେବାକ୍ଷଣି ତାର ଉପଚାର କରିବା ସଙ୍ଗେ ସଙ୍ଗେ ସର୍ଦ୍ଦି ନହେବା ପାଇଁ ଧୂଳି, ଧୂଆଁ ଏବଂ ଅତ୍ୟଧିକ ଥଣ୍ଡା ଖାଦ୍ୟ, ଥଣ୍ଡା ପାନୀୟ ଠାରୁ ଦୂରେଇ ରହିବା ଉଚିତ। ମୁଣ୍ଡ ଧୋଇଲେ ଯଦି ଥଣ୍ଡା ଧରୁଥାଏ ତାହେଲେ ଔଷଧ ସେବନ କରି ଏକ ଘଣ୍ଟା ପରେ ମୁଣ୍ଡ ଧୋଇବା ଉଚିତ। ବିକାଶମୁଖୀ ଦେଶମାନଙ୍କରେ ଶତକଡ଼ା ୧୦୦ ଭାଗ ଶିଶୁ ଏ ସୁବିଧାରୁ ବଞ୍ଚିତ। ତେଣୁ ଆସନ୍ତୁ ଆମେ ଆବାଳ-ବୃଦ୍ଧ-ବନିତାଙ୍କର ଏହି ଦିନରେ ଶ୍ରବଣ ପରୀକ୍ଷା କରି ଭବିଷ୍ୟତ ପିଢ଼ୀଙ୍କ ପାଇଁ ଶ୍ରବଣହାନୀ ଭଳି ଏକ ବିକଳାଙ୍ଗ ବ୍ୟାଧିକୁ ମୂଳୋତ୍ପାଟନ କରିବା। ବର୍ତ୍ତମାନ ସମୟରେ ଏକ ପ୍ରକାର ଜାଣତ ଅଥଚ ଚିନ୍ତାଜନକ ମହାମାରୀ ଭାବେ ଶ୍ରବଣହାନୀ ସମସ୍ୟା ସବୁଠି ଦେଖିବାକୁ ମିଳୁଛି। କିନ୍ତୁ ବଡ଼ କଥା ହେଉଛି ଆମ୍ଭ ମାନଙ୍କ ଭିତରେ କିଛିଟା ସଚେତନତାକୁ ଜୀବନରେ କାର୍ଯ୍ୟରେ ଲଗାଇପାରିଲେ ସମସ୍ୟା ଗମ୍ଭୀର ହେବନାହିଁ ଓ ସମସ୍ୟାଟି ଦୈନନ୍ଦିନ ଜୀବନଯାପନରେ ସହଜସାଧ ହୋଇଯିବ।

**ନାରାୟଣ ଚନ୍ଦ୍ର ବିଶ୍ୱାଳ,** ବାକ୍ ଶ୍ରବଣ ବିଶେଷଜ୍ଞ, ମମତା ଚିକିତ୍ସାଳୟ, ଫରେଷ୍ଟପାର୍କ, ଭୁବନେଶ୍ୱର, ଦୂରଭାଷ : ୯୪୩୮୨୭୬୭୬୦

# ଜାତୀୟ ପ୍ରତିରକ୍ଷା ଦିବସ






ଦେଶମାତୃକାରେ ସେବାରେ ସଦା ଉତ୍ସର୍ଗୀକୃତ ଆମର ସେନାବାହିନୀ ଜଳ, ସ୍ଥଳ ଓ ଆକାଶର ସୁରକ୍ଷା ପାଇଁ ଆମ ଦେଶରେ ସେନାକୁ ତିନି ଭାଗରେ ବିଭକ୍ତ କରାଯାଇଛି। ସ୍ଥଳସେନା, ନୌସେନା ଓ ବାୟୁସେନାର ଯବାନ ମାନେ ଏ ଦେଶର ସୁରକ୍ଷା, ଦେଶ ଓ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ତଥା ଶୃଙ୍ଖଳା ରକ୍ଷା ଦିଗରେ କାର୍ଯ୍ୟ କରିଥାନ୍ତି। ଏହି ତିନି ସେନାର ନବ କ୍ୟାଡ଼ରମାନଙ୍କୁ ତାଲିମ ପ୍ରଦାନ କରିବାକୁ ମହାରାଷ୍ଟ୍ର ପୁନେର ଖାଡ଼ାଖ୍ୱାସଲାରେ ରହିଛି ଜାତୀୟ ପ୍ରତିରକ୍ଷା ପ୍ରତିଷ୍ଠାନ। ଏହି ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସକୁ ଜାତୀୟ ପ୍ରତିରକ୍ଷା ଦିବସ ଭାବେ ପାଳନ କରାଯାଏ।

୧୯୪୧ ମସିହାରେ ସୁଦାନ ମୁକ୍ତି ସଂଗ୍ରାମରେ ଭାରତ ଭାଗ ନେଇ ସେ ଦେଶକୁ ସ୍ୱାଧୀନ କରିଥିଲା। ଏହାର ଫଳସ୍ୱରୂପ ସୁଦାନ ସରକାର ଭାରତକୁ ଉପହାର ଭାବେ ୭୦ ହଜାର ଡଲାର ଅର୍ଥ ଦାନ କରିଥିଲେ। ସେହି ଅର୍ଥରୁ ଦେଶ ବିଭାଜନ ପରେ ଭାରତ ଭାଗ୍ୟରେ ପଡ଼ିଥିଲ ୪୦ ହଜାର ଡଲାର। ତେବେ ସୁଦାନ ସରକାରଙ୍କ ସର୍ତ୍ତ ଅନୁସାରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ସହିଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅର୍ଥକୁ ଖର୍ଚ୍ଚ କରାଯିବ। ତେଣୁ ସେହି ଅର୍ଥରେ ୧୯୪୭ ମସିହାରେ ପୁନେର ପ୍ରତିଷ୍ଠା କରାଯାଇଥିଲା ଏନ୍‌ଡିଏ। ଏହା ୧୯୪୯ ମସିହାରେ କାର୍ଯ୍ୟକ୍ଷମ ହୋଇ ସେହିବର୍ଷ ମାର୍ଚ୍ଚ ୩ ତାରିଖରେ ପ୍ରଥମ ବ୍ୟାଚ୍ ତାଲିମ ଶେଷ କରି ସେନାରେ ଭାଗ ନେଇଥିଲେ। ତେଣୁ ସେହି ଦିନର ସ୍ମୃତିକୁ ବହନ କରି ପ୍ରତିବର୍ଷ ୩ ତାରିଖରେ ପାଳନ କରାଯାଏ ଜାତୀୟ ପ୍ରତିରକ୍ଷା ଦିବସ। ଏହି ପ୍ରତିଷ୍ଠାନ ନିର୍ମାଣ ପୂର୍ବରୁ ଭାରତୀୟ ସ୍ଥଳ ସେନା ଡେରାଡୁନ୍‌ରେ ଏବଂ ନୌସେନା ଓ ବାୟୁସେନା ବିଦେଶରେ ତାଲିମ ନେଉଥିଲା। କିନ୍ତୁ ଏନ୍‌ଡିଏ ପ୍ରତିଷ୍ଠା ଦ୍ୱାରା ଗୋଟିଏ ସ୍ଥାନରେ ତିନି ସେନାର ଯବାନମାନଙ୍କୁ ଏକକାଳୀନ ତାଲିମ ପ୍ରଦାନ କରାଯାଇଆସୁଛି।

**ଡଃ. ଅରୁନ୍ଧତୀ ଦେବୀ, ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦**

# ଲୋୟର ସୁକତେଲ ପ୍ରକଳ୍ପ ସ୍ତରୀୟ ଥଇଥାନ ଓ ପୁର୍ନବାସ ବୈଠକ

ବଲାଙ୍ଗୀର, (ପି.ଏନ): ସ୍ଥାନୀୟ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ସ୍ତରୀୟ ଥଇଥାନ ଓ ପୁର୍ନର୍ବାସ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନ୍ତପାଲି ଗ୍ରାମକୁ ନେଇ ଥଇଥାନ ଓ ପୁର୍ନବାସ ବୈଠକରେ କମିଟିର ଅଧ୍ୟକ୍ଷ ଜିଲ୍ଲାପାଳ ଚଂଚଳ ରାଣା, ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର, ଲୋକସଭା ସଦସ୍ୟାଙ୍କ ନୋମିନି ଦିନେଶ ଶର୍ମା, ଲୋଇସିଂହା, ପାଟଣାଗଡ ବିଧାୟକଙ୍କ ପ୍ରତିନିଧି, ଲୋୟର ସୁକତେଲ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଅଧିକ୍ଷଣ ଯନ୍ତ୍ରୀ, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କୁମାର ନାଗଭୂଷଣ, ଥଇଥାନ ଓ ପୁର୍ନବାସ ପ୍ରକଳ୍ପ ନିର୍ଦ୍ଦେଶକ ମହେନ୍ଦ୍ର ମହାପାତ୍ର ଏବଂ ପ୍ରଭାବିତ ଅଂଚଳର ଜନ ପ୍ରତିନିଧି ଓ ମହିଳା ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଅନ୍ତପାଲି ଗାଁ ର ବିସ୍ଥାପିତଙ୍କ ସମସ୍ୟା ସେମାନଙ୍କୁ ଯେଉଁଠାରେ ଥଇଥାନ କରାଯାଉଛି ସେଠାକାର ମୌଳିକ ସୁବିଧା ତଥା ବିସ୍ଥାପନ ପରେ ଯେଉଁଠାରେ ସେମାନେ ଥଇଥାନ ହେଉଛନ୍ତି ସେଠାରେ ତାଙ୍କ ଜିବନ ଜିବିକା କୁ ନେଇ ପ୍ରଶାସନ ତରଫରୁ କରାଯାଇଥିବା ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଆଲୋଚନା ବେଳେ ବିଧାୟକ ନରସିଂହ ମିଶ୍ର ପ୍ରକଳ୍ପ ଦ୍ୱାରା ଯେମିତି ଜଣେ ବି ଲୋକଙ୍କ କୌଣସି ପ୍ରକାର କ୍ଷତି ନହେଉ ସେ ଉପରେ ଧ୍ୟାନ ଦେବାକୁ ଅଧିକାରୀମାନଙ୍କୁ କହିଥିଲେ। ବିଜୁଳି, ଫଳନ୍ତି ବୃକ୍ଷର କ୍ଷତିପୁରଣ ତଥା କ୍ଷତିପୁରଣ ରାଶି ପ୍ରଦାନକୁ ନେଇ ପ୍ରତ୍ୟେହ ଅନେକ ସଂଖ୍ୟାରେ ଦରଖାସ୍ତ ଲୋକଙ୍କ ପାଖରୁ ତାଙ୍କ ପାଖକୁ ପହଂଚୁଥିବା ସେ ସୂଚନା ଦେବା ସହ ଏ ସବୁ କୁ ପ୍ରକଳ୍ପ ଅଧିକାରୀମାନେ ପୁଙ୍ଖାନୁପୁଙ୍ଖ ଭାବରେ ପରୀକ୍ଷା କରି ସେ ସବୁକୁ ସମାଧାନ କରନ୍ତୁ ବୋଲି କହିଥିଲେ। ପ୍ରକଳ୍ପକୁ ନେଇ ଆହୁରି ମଧ ସେ କହିଥିଲେ ଯେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାର ସମୟସୀମାକୁ ନେଇ ବିଭାଗୀୟ ମନ୍ତ୍ରୀ ଦେଇଥିବା ବୟାନ ଭୁଲ ପ୍ରମାଣିତ ହୋଇପାରେ। କାରଣ ଆଲୋଚନାରୁ ଜଣାଯାଉଛି ଯେ ୨୦୨୩ ଡିସେମ୍ବର ସୁଦ୍ଧା କୌଣସି ମତେ ବି ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ସମ୍ପୁର୍ଣ୍ଣ ହୋଇପାରିବ ନାହିଁ ତେଣୁ ଏପରି ଭିତିହିନ ମନ୍ତବ୍ୟ ଦେବାରୁ ସରକାର କିମ୍ବା ତାଙ୍କ ମନ୍ତ୍ରୀ ନିବୃତ ରହିବା ଉଚିତ ବୋଲି ବିଧାୟକ ଶ୍ରୀ ମିଶ୍ର କ୍ଷୋଭର ସହ କହିଥିଲେ। ଯଦିଓ ଏହି ବୈଠକ ପ୍ରକଳ୍ପସ୍ତରୀୟ ଶେଷ ବୈଠକ ତଥାପି ମଧ ଲୋକଙ୍କ ଅଭିଯୋଗ ଆକାରରେ ସେମାନଙ୍କର ସମସ୍ତ ପ୍ରକାର ସମସ୍ୟା ସମାଧାନ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ରାଣା ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ମହାପାତ୍ର ଉପସ୍ଥିତ ଥିବା ପ୍ରଭାବିତ ଅଂଚଳର ଜନ ପ୍ରତିନିଧିମାନଙ୍କୁ ପ୍ରତିଶୃତି ଦେଇଥିଲେ। ବିଶେଷ କରି ଆଗକୁ ଗ୍ରୀଷ୍ମମାସ ଆସୁଥିବାରୁ ନିଜେ ନିଜେ ବସତି ସ୍ଥାପନ କରିଥିବା ଏବଂ ସରକାର ତରଫରୁ ନିର୍ମାଣ ହୋଇଥିବା ପୁର୍ନବାସ କଲୋନିମାନଙ୍କରେ ପାନୀୟ ଜଳ ଓ ବିଜୁଳିର ଯେମିତି କୌଣସି ସମସ୍ୟା ନ ରହିବ ସେ ଉପରେ ନିଷ୍ପାରସହ ପଦକ୍ଷେପ ନିଅନ୍ତୁ ବୋଲି ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଉପସ୍ଥିତ ଜନ ପ୍ରତିନିଧିମାନଙ୍କର ସମସ୍ତ ପ୍ରକାର ଅଭିଯୋଗ ର ପରୀକ୍ଷା କରି ସେ ସବୁ ଉପରେ ଉଚିତ ପଦକ୍ଷେପ ନିଆଯିବ ବୋଲି ନିଷ୍ପତି ହୋଇଥିଲା। ପ୍ରକଳ୍ପ ନିର୍ଦ୍ଦେଶକ ମହେନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇ ସଭା ଶେଷ ଘୋଷଣା କରିଥିଲେ।

# ସଇଁତଲା କଅଁସର ପଂଚାୟତରେ ଆବକ୍ଷସ ଯୋଜନାରୁ ବାଦ ପଡିଥିବା ଲୋକେ ବ୍ଲକ ଘେରାଉ କଲେ

ବଲାଙ୍ଗୀର, (ପି.ଏନ): କେନ୍ଦ୍ର ସରକାର ଗରିବ ଲୋକଙ୍କ ପାଇଁ ଅନେକ ଯୋଜନା କରିବା ସାଙ୍ଗକୁ କେହି ଜଣେ ବ୍ୟକ୍ତି ମଧ ମାଟି ଘରେ ରହିବେ ନାହିଁ ବୋଲି କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ଘର ଯୋଗାଉଛନ୍ତି, ହେଲେ ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ବ୍ଲକ କଅଁସର ଗ୍ରାମବାସୀମାନେ ଆବାସ ଯୋଜନାରୁ ବାଦ ପଡିଥିବା ବେଳେ ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଉଛି। ଯାହା ଦ୍ୱାରା ବିବାଦ ବଢ଼ିବାରେ ଲାଗିଛି । ସୂଚନା ଅନୁସାରେ ଆଜି କଅଁସର ପଂଚାୟତରେ ଗ୍ରାମସଭା ଅନୁଷ୍ଠିତ ହେବାକୁ ଥିବା ବେଳେ ପଂଚାୟତବାସୀମାନେ ପଂଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଫଳରେ ସରପଂଚ, ୱାର୍ଡ ମେମ୍ବର ମାନେ ସଭା ନ କରି ଘରକୁ ଫେରି ଯାଇଥିଲେ ଏବଂ ଶତାଧିକ ଜନ ସାଧାରଣ ପଂଚାୟତ କାର୍ଯ୍ୟାଳୟରେ ଆନ୍ଦୋଳନ କରିଥିଲେ । ପରେ ଶତାଧିକ ଲୋକେ ସ୍ଥାନୀୟ ବ୍ଲକ ଛକରୁ ବିରାଟ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଂଚି ବ୍ଲକ ପ୍ରଶାସନ ବିରୁଦ୍ଧରେ ନାରା ଦେଇଥିଲେ। ବଡ଼ ବଡ଼ିଆ ଲୋକଙ୍କୁ ଆବାସ ଯୋଜନାରେ ସାମିଲ କରାଯାଉଛି ଏବଂ ଗରିବ ଲୋକଙ୍କୁ ଅଣଦେଖା କରାଯାଉଛି ବୋଲି ଗର୍ଜି ଥିଲେ। ଏହି ପଂଚାୟତକୁ ମାତ୍ର ୮ଟି ଘର ଆସିଥିବା ବେଳେ ବାକି ଲୋକ କ’ଣ ଦୋଷ କରିଥିଲେ ବୋଲି ବ୍ଲକ ପ୍ରଶାସନକୁ ଜବାବ ମାଗିଥିଲେ। ଏନେଇ ବିଡ଼ିଓ ଚନ୍ଦ୍ରମଣି ନାଗଙ୍କୁ ପଂଚାୟତବାସୀ ଏକ ଦାବୀପତ୍ର ପ୍ରଦାନ କରିବା ସହ ୧୫ ଦିନ ଭିତରେ ଯଦି ଆବାସ ଯୋଜନାରେ ସାମିଲ କରାନଗଲେ ଆଗାମୀ ଦିନରେ ରାଜ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ । ଏହି ଆନ୍ଦୋଳନରେ କାମଦେବ ଭୋଇ, ହୀରାଧର ଗହୀର, ଧ୍ରୁବଲେ ଚନ୍ଦନ, ନେପାଳ ସାହୁ, ସରୋଜ ରଣା, ତିର୍ଥ ରଣା, ପ୍ରମୋଦ ଦାସ, ସଭ୍ୟା ରଣା ପ୍ରମୁଖ ସାମିଲ ହୋଇଥିଲେ।

# ସମାଜସେବାରେ ବ୍ରତୀ ଶୌଳେନ୍ଦ୍ରୀ ସେନାପତି



ପାରାଦୀପ (ପିଏନ୍)- ବନ୍ଦର ସହର ପାରାଦୀପକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ଲୋକମାନେ ଆସି ନିଜ ନିଜର ଜୀବିକା ନିର୍ବାହ କରିଥାନ୍ତି । ପାରାଦୀପ ସହର ତଥା ଆଖପାଖ ଲୋକଙ୍କ ସମସ୍ୟା କଥାକୁ ସଭିଏଁ ଅଣଦେଖା କରି ଚାଲିଯାଆନ୍ତି । ପାରାଦୀପରେ ବହୁ ମାନସିକ ବିକାରଗ୍ରସ୍ତ, ଗୃହଶୂନ୍ୟ ଲୋକମାନେ ରହିଥାନ୍ତି ସେମାନଙ୍କ କଥାକୁ କେହି ବି ତିଳେମାତ୍ର ହୃଦୟଙ୍ଗମ କରି ନ ଥାନ୍ତି । ପାରାଦୀପ ମଧୁବନରେ ରହୁଥିବା ମହିଳା ସମାଜସେବୀ ଶୌଳେନ୍ଦ୍ରୀ ସେନାପତି ଯିଏ କି ନିଜର ସମସ୍ତ କାମକୁ ପଛ କରି ସମାଜସେବାରେ ସଂପୂର୍ଣ୍ଣ ଭାବେ ସମର୍ପିତ ଓ ନିମଗ୍ନ । ମହାମାରୀ କରୋନାର ପ୍ରଥମ ଲହର ହେଉ କି ଦ୍ୱିତୀୟ ଲହର ଓ ତୃତୀୟ ଲହର ସବୁବେଳେ ସବୁ ସମୟରେ ଲୋକମାନଙ୍କ ପାଖରେ ସେ ଆଗରେ । କରୋନା କଟକଣା ସମୟରେ ରୋଜଗାର ହରେଇଥିବା ଲୋକମାନଙ୍କ ପାଖରେ ପହଂଚି ସେମାନଙ୍କୁ ଖାଦ୍ୟ ବଣ୍ଟନ କରିବା, ଜନସାଧାରଣଙ୍କୁ କରୋନା ସମ୍ପର୍କରେ ସଚେତନତା କରିବା, ମାସ୍କ ବଣ୍ଟନ କରିବା, ସାନିଟାଇଜର ବାଣ୍ଟିବା ଯେପରି ତାଙ୍କର ଏକ ନିଶା ପାଲଟି ଯାଇଥିବା ଦେଖିବାକୁ ମିଳିଥିଲା । ପାରାଦୀପ ଅଂଚଳର ମହିଳାମାନଙ୍କୁ ଏକଜୁଟ କରି ସେମାନଙ୍କୁ ସମାଜସେବାରେ ସାମିଲ କରି ସେ ଅନ୍ୟମାନଙ୍କ ପାଇଁ ଏକ ଅନନ୍ୟ ଉଦାହରଣ ପାଲଟି ଯାଇଛନ୍ତି । ଘରର ରୋଷେଇ ବାସ ଶେଷ କରି ମାସ୍କ ତିଆରି କରିବା ଏଥିରେ ଅନ୍ୟ ମହିଳାମାନଙ୍କୁ ସାମିଲ କରିବା ଏବଂ ଏହି ମାସ୍କଗୁଡିକୁ ନେଇ ବିଭିନ୍ନ ବସ୍ତିମାନଙ୍କରେ ରହୁଥିବା ଲୋକମାନଙ୍କୁ ବାଣ୍ଟିବା କ୍ଷେତ୍ରରେ ସେ ପାରାଦୀପରେ ଆଗୁଆ । ସର୍ବଭାରତୀୟ ସମାଜସେବୀ ସଂସ୍ଥା ଏନ୍.ଓ.ସି. ଫାଉଣ୍ଡେସନ୍‌ର ରାଜ୍ୟ ସଂଯୋଜିକା ଭାବେ ତାଙ୍କ କାର୍ଯ୍ୟକୁ ମିଳିଛି ସବୁ ସ୍ଥାନରେ ଉଚ୍ଚ ପ୍ରଶଂସା ।

# ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା ପଛରେ ରହିଛି ସାଙ୍ଘାତିକ ଷଡ଼ଯନ୍ତ୍ର : କଂଗ୍ରେସ

ଭୁବନେଶ୍ୱର,(ପି.ଏନ): ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନବ କିଶୋର ଦାସଙ୍କ ଜଣେ ପୁଲିସ କର୍ମଚାରୀଙ୍କ ଗୁଳି ଚୋଟରେ ମୃତ୍ୟୁ ହେବା ଘଟଣା ଏକ ଅତି ଉଦ୍‌ବେଗ ଜନକ ତଥା ସମ୍ବେଦନଶୀଳ ଘଟଣା। ତାଙ୍କ ମୃତ୍ୟୁରେ ପ୍ରଦେଶ କଂଗ୍ରେସ ପକ୍ଷରୁ ଶୋକ ପ୍ରକାଶ କରାଯିବା ସହିତ ଏହି ଘଟଣାକୁ ନେଇ ଦଳ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଛି। ଆଜି ପି.ସି.ସି. ପକ୍ଷରୁ କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନ୍‌ଗୋ ଓ ପିସିସି ମୁଖପାତ୍ର ଶ୍ରୀ ସୁଦର୍ଶନ ଦାସ ଏହି ହତ୍ୟାକାଣ୍ଡ ପଛରେ ସାଘାଂତିକ ଷଡ଼ଯନ୍ତ୍ର ଲୁଚି ରହିଛି ବୋଲି କହିବା ସହିତ ଗୃହ ବିଭାଗର ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କୁ ନିଶାନା କରିଛନ୍ତି। ସେମାନେ କହିଛନ୍ତି ନିଜର କ୍ୟାବିନେଟ୍ ସହଯୋଗୀ ନିଜ ବିଭାଗର ପୋଲିସ କର୍ମଚାରୀଙ୍କ ଦ୍ୱାରା ହତ୍ୟା ହେବା ଘଟଣାରେ ମୁଖ୍ୟମନ୍ତ୍ରୀ ଉତରଦାୟୀ ଏବଂ ନୈତିକତା ଦୃଷ୍ଟିରୁ ସେ ପଦତ୍ୟାଗ କରିବା ଉଚିତ୍। ନିଜ ମନ୍ତ୍ରୀ ମଣ୍ଡଳର ସଦସ୍ୟଙ୍କ ଜୀବନ ରକ୍ଷା କରିବାରେ ବିଫଳ ସରକାର ସାଧାରଣ ଜନତାଙ୍କ ସୁରକ୍ଷା କଣ ଦେବ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଶ୍ରୀ ପଂଚାନନ କାନୁନ୍‌ଗୋ ଏହି ସାମ୍ବାଦିକ ସମ୍ମିଳନୀରେ ୭ ଟି ପ୍ରଶ୍ନ ସରକାରଙ୍କୁ ପଚାରିଛନ୍ତି ଏବଂ ଆସନ୍ତା ୭ ଦିନ ଭିତରେ ଏହାର ଉତର ସରକାର ଙ୍କ ପକ୍ଷରୁ ଦାବୀ କରିଛନ୍ତି। ନବ ଦାସଙ୍କ ହତ୍ୟା କରିଥିବା ପୋଲିସ ଏ.ଏସ୍.ଆଇ ଗୋପାଳ ଦାସ କେବେ ଠୁ ମାନସିକ ରୋଗୀ ବୋଲି ଚିହ୍ନ ହେଲେ ? କେବେ ଠୁ ସେ ଚିକିତ୍ସା ହେଲେ ? କଣ କଣ ଔଷଧ ସେ ଖାଉଥିଲେ ? ସେ ଯଦି ମାନସିକ ରୋଗଗ୍ରସ୍ତ ତାଙ୍କୁ କିଏ ଏ ଏସ୍. ଆଇ ଭାବରେ ନିଯୁକ୍ତି ଦେଇଥିଲା ? ହତ୍ୟା ଘଟଣା ଘଟାଇବା ପୂର୍ବରୁ ତାଙ୍କୁ ବନ୍ଧୁକ କାହିଁକି ଓ କିଏ ଦେଇଥିଲା ? ଏହି ଘଟଣାରେ ଗୁଇନ୍ଦା ବିଭାଗର ବିଫଳତା ଦାୟୀ ନୁହନ୍ତି କି ? ଏତେ ପର୍ଯ୍ୟନ୍ତ କାହିଁକି କୌଣସି ଦୋଷୀ ଅଫିସର ଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ? ଏହି ସବୁ ପ୍ରଶ୍ନ ଗୁଡ଼ିକର ଉତର ସରକାରଙ୍କ ଠାରୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଘଟଣାର କ୍ରାଇମ୍ ବ୍ରାଂଚ ତଦନ୍ତ ଏକ ପ୍ରହସନ ଏବଂ ଏହା ରାଜ୍ୟରେ ଅତୀତରେ କ୍ରାଇମ୍ ପଛର ପ୍ରକୃତ ସତ୍ୟତାକୁ ଲୋକ ଲୋଚନକୁ ଆଣିବା ପରିବର୍ତେ ତାହାକୁ ଘଂଟ ଘୋଡାଇଛି। ନବ ଦାସଙ୍କୁ ହତ୍ୟା ଘଟଣା କ୍ରାଇମ୍ ବ୍ରାଂଚ ଦ୍ୱାରା କଲେ ଏହାର ଭାଗ୍ୟ ମଧ ସେଇଆ ହେବ। ତେଣୁ ହାଇକୋର୍ଟର ଜଣେ ଅଧିଷ୍ଠିତ ବିଚାରପତି ଙ୍କ ତତ୍ତ୍ୱାବଧାନରେ ଏସ୍.ଆଇ ଟି ଦ୍ୱାରା ଏହାର ତଦନ୍ତ ହେଉ ବୋଲି ଶ୍ରୀ ସୁଦର୍ଶନ ଦାସ ଦାବୀ କରିଥିଲେ।

# ବାଲେଶ୍ୱରରେ ପଲ୍ସ ପୋଲିଓ ଟିକାକରଣ ଅଭିଯାନ

ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଜିଲ୍ଲାରେ ପଲ୍ସ୍ ପୋଲିଓ ଟିକାକରଣ ଅଭିଯାନ ଆରମ୍ଭ ହୋଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରିଛନ୍ତି । ଏହି ଟିକାକରଣ ଅଭିଯାନ ତିନି ଦିନ ଧରି ଚାଲିବ । ପ୍ରଥମ ଦିନରେ ଜିଲ୍ଲାର ପ୍ରତି ବ୍ଲକରେ ସ୍ଥାପିତ ବୁଥ୍‌ଗୁଡିକରେ ୦(ଶୂନ)ରୁ ୫(ପାଂଚ) ବର୍ଷର ଶିଶୁମାନଙ୍କୁ ଏହା ଦିଆଯିବାକୁ ଥିବା ବେଳେ କୌଣସି କାରଣରୁ ବାଦ୍ ପଡିଯାଇଥିବା ଶିଶୁମାନଙ୍କୁ ଆସନ୍ତା ଦୁଇ ଦିନରେ ଏହା ଦିଆଯିବ । ସ୍ୱାସ୍ଥ୍ୟକର୍ମୀମାନେ ଏହି ଦୁଇଦିନ ଘର ଘର ବୁଲି ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଖୁଆଇବେ । ଏହି ଟିକାକରଣ ଅଭିଯାନ ପାଇଁ ଜିଲ୍ଲାରେ ସର୍ବମୋଟ ୧୦୬୩ଟି ବୁଥ୍ ପ୍ରତିଷ୍ଠା କରାଯାଇଛି । ୪୨୫୨ ଜଣ କର୍ମଚାରୀ ୨୧୨୬ଟି ଟିମରେ ବିଭକ୍ତ ହୋଇ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବେ । ଏଥିପାଇଁ ୨୦୯ଜଣ ସୁପରଭାଇଜର ଓ ୨୦୯ଟି ଗାଡି ନିୟୋଜିତ ହୋଇଛନ୍ତି । ଜିଲ୍ଲାର ୨ଲକ୍ଷ ୧୨ହଜାର ୪୫୮ଜଣ ଶିଶୁଙ୍କୁ ଟିକାକରଣ ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି କାର୍ଯ୍ୟକ୍ରମ ଯେପରି ସଫଳତାର ସହ ଆୟୋଜିତ ହେବ ଏବଂ କେହି ବି ଜଣେହେଲେ ଶିଶୁ ଯେପରି ଏଥିରୁ ବଂଚିତ ନ ହେବେ ସେଥିପ୍ରତି ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାରେ ପଲସ୍ ପୋଲିଓ ଟିକାକରଣ ଅଭିଯାନର ଶୁଭାରମ୍ଭ ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳ ସେନ ଜଗଦେବ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର, ଏଡିପିଏଚଓ ଡା. ଶଶାଙ୍କ ଶେଖର ଚୌଧୁରୀ, ଡିପିଏମ ଶ୍ରୀ ଅନୀଲ କୁମାର ମହାନ୍ତି, ଡିଏମଆରସିଏଚ ଏଲିନା ସାମଲ, ଆଇସିଡିଏସ୍ ପ୍ରୋଗ୍ରାମ ଅଫିସର ଶ୍ରୀମତୀ ଦ୍ରୌପଦୀ ମାର୍ଣ୍ଡିଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

# ନାବାଳିକା ଦୁଷ୍କର୍ମ ଅଭିଯୁକ୍ତକୁ ୧୦ ବର୍ଷ ଜେଲ

ବାଲେଶ୍ୱର (ପିଏନ୍)-ଜନୈକ ନାବାଳିକାକୁ ଦୁଷ୍କର୍ମ କରିଥିବା ଅଭିଯୋଗର ବିଚାର କରି ମାନ୍ୟବର ଅତିରିକ୍ତ ଜିଲ୍ଲା ଓ ଦୌରା ଜର୍ଜ ଜଗଦିଶ ପ୍ରସାଦ ମହାନ୍ତି ଅଭିଯୁକ୍ତ ଭାବଗ୍ରାହୀ ଦାସ (୭୦)କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ୨୦ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦାୟେ ଅଧିକ ୧ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଦର୍ଶାଯାଇଛି। ସୂଚନା ଅନୁଯାୟୀ ଖଇରା ଥାନା ଅଧିନସ୍ଥ ଭଟେସ୍ୱର ଗ୍ରାମର ଭାବଗ୍ରାହୀ ଦାସ ତାଙ୍କ ଘରେ ଜଣେ ନାବାଳିକାଙ୍କୁ ଘରୋଇ କାମ କରିବା ପାଇଁ ରଖିଥିଲେ। ଶ୍ରୀ ଦାସ ତାଙ୍କୁ ମାନସିକ ନିର୍ଯାତନା ଦେବା ସହ ଦୁଷ୍କର୍ମ କରିଥିଲେ। ଖବର ପାଇ ଖଇରା ଚାଇଲଡଲାଇନ ନାବାଳିକାଙ୍କୁ ଉଦ୍ଧାର କରି ଥାନାରେ ଅଭିଯୋଗ କରିଥିଲେ। ଭାବଗ୍ରାହୀଙ୍କ ଘରେ ଏହି ୧୧ ବର୍ଷର ନାବାଳିକା ସହ ତା’ ସାନ ଭାଇକୁ ଖଇରା ଚାଇଲଡଲାଇନ ନିର୍ଦ୍ଦେଶକ ମଦନମୋହନ ବେହେରା ଉଦ୍ଧାର କରିଥିଲେ। ଚାଇଲଡଲାଇନର ଅଭିଯୋଗ ମୂଳେ ପୁଲିସ କେସ ନଂ ୧୫୧/୧୬ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା।

# ବିକାଶରେ ସହୋଦୟ ସ୍କୁଲ୍ କମ୍ପ୍ଲେକ୍ସର ଅଧ୍ୟକ୍ଷମାନଙ୍କ ବୈଠକ



ଶାସନ, ସମ୍ବଲପୁର (ପିଏନ୍): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ସି) ଶିକ୍ଷାନୀତିରେ ପରିଚାଳିତ ବିଦ୍ୟାଳୟଗୁଡ଼ିକୁ ନେଇ ଗଠିତ ‘ପଶ୍ଚିମ ଓଡ଼ିଶା ସହୋଦୟ ସ୍କୁଲ ସଂଘ’ର ଏକ କର୍ମଶାଳା ସ୍ଥାନୀୟ ବିକାଶ୍ ଦ କନ୍‌ସେପ୍ଟ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ଝାରସୁଗୁଡ଼ା, ବଲାଙ୍ଗୀର, ବରଗଡ଼, ଦେବଗଡ଼, ଫୁଲବାଣୀର ପ୍ରଭୃତି ଜିଲ୍ଲାରୁ ୨୭ଗୋଟି ବିଦ୍ୟାଳୟ କର୍ତୃପକ୍ଷଙ୍କ ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ। ସଂଗୀତ ଶିକ୍ଷକ ଲବ ଭୂୟାଁଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଏହି ବୈଠକର ଶୁଭାରମ୍ଭ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଅଧ୍ୟକ୍ଷ ମାନଙ୍କୁ ବିକାଶ୍ ଦ କନ୍‌ସେପ୍ଟ ସ୍କୁଲର ଅଧ୍ୟକ୍ଷ ଶ୍ରୀଯୁକ୍ତ ମନୋରଂଜନ ପତି ସ୍ୱାଗତ ଜଣାଇଥିଲେ। ସହୋଦୟ ସ୍କୁଲ କମ୍ପ୍ଲେକ୍ସର ଚେୟାରମେନ୍ ତଥା ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଏହି କର୍ମଶାଳାର ଅଧ୍ୟକ୍ଷତା କରିବା ସହିତ ସଂଗଠନର ଆଭିମୁଖ୍ୟ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସହୋଦୟ ସ୍କୁଲ କମ୍ପ୍ଲେକ୍ସ ସ୍କୁଲର ସେକ୍ରେଟାରୀ ତଥା ଘନଶ୍ୟାମ ହେମଲତା ଇଂଲିଶ ମିଡିୟମ ସ୍କୁଲ, ଝାରସୁଗୁଡ଼ାର ଅଧ୍ୟକ୍ଷା ସଂଯୁକ୍ତ ଦାଶ ସଂଗଠନର ଆଗାମୀ କାର୍ଯ୍ୟଧାରା ସଂପର୍କରେ ସୂଚନା ଦେଇଥିଲେ। ଏହି ବୈଠକରେ ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟ ବାତାବରଣ ସୃଷ୍ଟି ସାଙ୍ଗକୁ ସାମୂହିକ ଭାବେ ଛାତ୍ରଛାତ୍ରୀଙ୍କ ମାନସିକ, ଶାରୀରିକ ଓ ବୌଧିକ ବିକାଶ ଦିଗରେ କାର୍ଯ୍ୟ କରିବା ଉପରେ ସମସ୍ତେ ସହମତି ପ୍ରକାଶ କରିଥିଲେ। ସିବିଏସ୍‌ଇ ଦ୍ୱାରା ନିର୍ଦ୍ଦେଶିତ ଓ ପରିମାର୍ଜିତ ବିଭିନ୍ନ ନୂତନ ନିୟମ ଓ ପରୀକ୍ଷା ପଦ୍ଧତି ବିଷୟରେ ଆଲୋଚନା କରାଯାଇଥିଲା। ଶିକ୍ଷାବର୍ଷ ୨୦୨୨-୨୩ ପାଇଁ କ୍ରିୟାକଳାପ କ୍ୟାଲେଣ୍ଡର ପ୍ରସ୍ତୁତ କରିବା ପାଇଁ ବିଭିନ୍ନ ସ୍କୁଲର ପ୍ରତିନିଧିମାନେ ଗୁରୁତ୍ୱାରୋପ କରିଥିଲେ। ରିଜିଓନାଲ୍ ଅଫିସର, ସିବିଏସ୍‌ଇ, ଭୁବନେଶ୍ୱର ଭିଡିଓ କନ୍‌ଫେରେନ୍‌ସିଂ ମାଧ୍ୟମରେ ଯୋଗଦେଇ ଉପସ୍ଥିତ ସମସ୍ତ ଅଧ୍ୟକ୍ଷଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଓରିଏଂଟାଲ୍ ପବ୍ଲିକ୍ ସ୍କୁଲ୍ ଅଧ୍ୟକ୍ଷା ଶ୍ରୀମତୀ ସୁନୀତା ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ବିକାଶ୍ ଦ କନ୍‌ସେପ୍ଟ ସ୍କୁଲ ଅଧ୍ୟକ୍ଷ ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନପୂର୍ବକ ଅଭିନନ୍ଦନ ଜଣାଇଥିଲେ। ବିକାଶ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ଚେୟାରମେନ୍ ତଥା ପରିଚାଳନା ନିର୍ଦ୍ଦେଶକ ଆଗାମୀ ଶିକ୍ଷାବର୍ଷର ଉନ୍ନତି ପାଇଁ ସମସ୍ତ ଅଧ୍ୟକ୍ଷମାନଙ୍କୁ ଉତ୍ସାହିତ କରିଥିଲେ।




# ପୁରୁଣାବଜାରରେ ଖ୍ୱାଜା ଗରିବ ନୱାଜ (ର:ଅ)ଙ୍କ ବାର୍ଷିକ ଉତ୍ସବ ପାଳିତ

**ଭଦ୍ରକ,(ପିଏନ)-** ଭଦ୍ରକ ପୁରୁଣାବଜାରସ୍ଥିତ ଜାମା ମସଜିଦ ଛକଠାରେ ଖ୍ୱାଜା ଗରିବ ନୱାଜ କମିଟି ଆନୁକୂଲ୍ୟରୁ ୩୯ତମ ଖ୍ୱାଜା ଗରିବ ନୱାଜ (ର:ଅ)ଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବରେ ପ୍ରଥମ ଦିନ ୨୮ ତାରିଖ (ଶନିବାର) ରାତ୍ରି ୮ ଘଟିକା ସମୟରେ ସର୍ବସାଧାରଣଙ୍କ ପାଇଁ ଲଙ୍ଗର (ଫାତେହା) କରି ବ ନ ହୋଇଥିଲା ଏବଂ ଦ୍ୱିତୀୟ ଦିନ ୨୯ ତାରିଖ ରବିବାର ଜାମା ମସଜିଦ ଛକଠାରେ ଖ୍ୱାଜା ଗରିବ ନୱାଜ କନଫେରେନ୍ସ (ଧର୍ମସଭା) ପାଳିତ ହୋଇଯାଇଛି । ଏହି ଧର୍ମସଭା ଜାମା ମସଜିଦର ଇମାମ ମହମ୍ମଦ ସାଦିକ ହୋସେନ ଏବଂ ସଂଚାଳକ ଭାବେ ମୁସ୍ତାକ ଗୌହରଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ଏହି ଧର୍ମସଭାରେ ମୌଲାନା (ପଣ୍ଡିତ), ଅସଲମ ମିନାୟୀ (କଲିକତା), ମୁଫତି ଗୋଲାମ ହଇଦର (ବସ୍ତା), ଇମରାନ ମୌକିମ , ସାହବାଜ ନସିମ (କଲିକତା), ଅସରଫ ରଯା (ବିହାର) ଏବଂ ଅଲିମୁଦ୍ଦିନ ବେକସ ଓ ଫାରୁକ ରଯା ନସିମି (ଓଡ଼ିଶା)ରୁ ଆସି ଯୋଗଦାନ କରି ଖ୍ୱାଜା ଗରିବ ନୱାଜ (ର:ଅ)ଙ୍କ ନିତିବାଣୀ ଉପରେ ଆଲୋକପାତ କରିଥିଲେ । ଖ୍ୱାଜା ଗରିବ ନୱାଜ କମିଟିର ସଭାପତି ନସରୁ ଖାଁ, ଉପସଭାପତି ଶେଖ ଅନୱର, ସଂପାଦକ କଲିମୁଦ୍ଦିନ ଖାଁ, ମିନହାଜ କାଦରୀ, ମୀର କାଲିଆ, ଅଲି ହୋସେନ, ଶେଖ ସୁଲ୍ଲୋ, ଶେଖ ନୌଷାଦ, ଇସାର ଅଲି, ଶେଖ ଇଲୟାସ, ଗୁଲମହମ୍ମଦ ଖାଁ, ମହମ୍ମଦ ବାବୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଭଦ୍ରକ-ଚାନ୍ଦବାଲି ରାସ୍ତା ର ପୋଲ ଉପର ଅଂଶ ମରଣଯନ୍ତା, ତୁରନ୍ତ ମରାମତି ନହେଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ

**ଭଦ୍ରକ,(ପିଏନ)-** ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥରେ ଥିବା ପୋଲ ଉପରେ ରାସ୍ତା କିଛି ସ୍ଥାନରେ ଦବି ଯାଇଥିବା ବେଳେ ବହୁ ସ୍ଥାନରେ ପିଚ ଉଠିଯାଇ ମରଣଜନ୍ତା ପାଲଟିଛି । ଏହି ସବୁ ପୋଲ ଉପର ରାସ୍ତାରେ ଉଭୟ ଚାରିଚକିଆ ଓ ଦୁଇ ଚକିଆ ଗାଡ଼ି ଯାତାୟତ କଲାବେ ଜୋର୍ ରେ ପିଟି ହେଉଛି । ଏପରିକି ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ବହୁ ଧନ ଜୀବନ ହାନି ଘଟୁଛି । ଏହି ରାସ୍ତାର ତିହିଡି ଥନା ସାମ୍ନା, ଫତେପୁର, କୋହ୍ଲ, କମାରିଆ, ସନ୍ଥପୁରା, ବିନ୍ଧା ଛକ, ପୀରହାଟ ହାଇସ୍କୁଲ ନିକଟ, ନାଲ ଗୁଣ୍ଡା ଘୋଷରା ସମେତ ବହୁ ସ୍ଥାନରେ ରାସ୍ତା ବିପଦସଂକୁଳ ହୋଇ ପଡ଼ିଛି । ତୁରନ୍ତ ଏହାର ମରାମତି କରାନଗଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ବ୍ଲକ କଂଗ୍ରେସ ସଭାପତି ସରୋଜ ଦାସ ଚେତାବନୀ ଦେଇଛନ୍ତି । ସୂଚନା ଯୋଗ୍ୟ ଯେ, ରାସ୍ତାର ମରାମତି କରିବା ନେଇ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋର ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେବାର ଦୁଇମାସ ବିତି ଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଯାହା ଫଳରେ ରାସ୍ତାରେ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଇବା ସହ ଧନଜୀବନ ହାନି ହେଉଥିବାରୁ ଜନଅସନ୍ତୋଷ ଦେଖା ଦେଇଛି ।

## ଜଳନିଷ୍କାସନ ପାଇଁ ଛତାବର-ନୀଳକ ରାସ୍ତାର ଦେଓପଦା ନିକଟରେ ସେତୁ ନିର୍ମାଣ ଦାବି

**ଭଦ୍ରକ,(ପିଏନ)-** ଏହି ବ୍ଲକର ଛତାବର-ନୀଳକ ପୂର୍ତ୍ତ ରାସ୍ତାର ଦେଓପଦା ଗ୍ରାମ ନିକଟରେ ଥିବା ପୁରାତନ ଜଳନିଷ୍କାସନ ସୋଠକୁ ବାକ୍ସ ସେତୁ ଭାବେ ନିର୍ମାଣ କରାଯିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି । ପୁରାତନ ରାସ୍ତାକୁ ଏକପାଖିଆ ଭାବେ ନିର୍ମାଣ କରାଯିବା ସହ ଜଳନିଷ୍କାସନ ପଥକୁ ଅବରୋଧ କରାଯାଇଥିଲା । ନାମମାତ୍ର କେତେକ ସ୍ଥାନରେ ସୋଠ ପକାଯାଇଥିଲେ ବି ଘରୋଇ ଜମି ମାଲିକମାନେ ସୋଠମୁହଁକୁ ଅବରୋଧ କରି କୃତ୍ରିମ ବନ୍ୟା ସୃଷ୍ଟିର କାରଣ ହୋଇଥିଲେ । ଏହାଦ୍ୱାରା ଚାଷ କ୍ଷତିଗ୍ରସ୍ତ ହେବା ସହ ରାସ୍ତା ପ୍ରତି ବିପଦ ମଧ୍ୟ ସୃଷ୍ଟି ହେଉଥିଲା । ଏବେ ଏହି ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇ ନିର୍ମାଣ କରାଯାଉଛି । ପୂର୍ବରୁ ରାସ୍ତାକୁ ତ୍ରୁଟିପୂର୍ଣ୍ଣ ଭାବେ ଏକପାଖିଆ ନିର୍ମାଣ କରାଯାଇ ଗୋଟିଏ ପାର୍ଶ୍ୱରେ ନୟନଜୋରି ରଖାଯାଇଥିଲା । ଏବେ ସେହି ତ୍ରୁଟିକୁ ସୁଧରାଯାଇ ଉଭୟ ପାର୍ଶ୍ୱରେ ନୟନଜୋରି ରଖାଯାଇ ମଧ୍ୟଭାଗରେ ରାସ୍ତା ନିର୍ମାଣ କରାଯିବା ଆବଶ୍ୟକ । ଫଳରେ ଜଳନିଷ୍କାଷନ ସୁଗମ ହୋଇପାରିବ । ଏହା ସହ ଯୋଉଁସବୁ ସ୍ଥାନଗୁଡିରେ ସୋଠ ପକାଯାଇ ଜଳନିଷ୍କାସନ ଲକ୍ଷ୍ୟ ରଖାଯାଇଥିଲା ସେହିସବୁ ସ୍ଥାନରେ ବକ୍ସ ସେତୁ ନିର୍ମାଣ କରାଯାଉ । ଜନସାଧାରଣ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ସମସ୍ତ ପଦକ୍ଷପ ଗ୍ରହଣ କରିବାକୁ ଗ୍ରାମର ବିଶ୍ୱନାଥ ସାହୁ, କିର୍ତ୍ତନ ବିହାରୀ ରାଉତ, ସୂର୍ଯ୍ୟମଣି ରାଉତ, ଲକ୍ଷ୍ମୀଧର ସାହୁ, ରବିନ୍ଦ୍ର ରାଉତ, ଖଗେଶ୍ୱର ଜେନା, ଅଭିରାମ ବିଶ୍ୱାଳ ପ୍ରମୁଖ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା ସହ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଓ ତହସିଲଦାରଙ୍କୁ ଜଣାଇଛନ୍ତି । ଏହି ଜନଆବଶ୍ୟକତାକୁ ଉଡାଇଗଲେ ଆନ୍ଦୋଳନ ଚେତାବନୀ ମଧ୍ୟ ଦିଆଯାଇଛି ।

# ରାଜ୍ୟସ୍ତରୀୟ ଶହୀଦ ଦିବସ,ଗାନ୍ଧୀଜୀଙ୍କୁ ଶ୍ରଦ୍ଧାସୁମନ

**ଭୁବନେଶ୍ୱର,(ପିଏନ)-** ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ । ସାରା ଦେଶରେ ଆଜିର ଦିନକୁ ଶହୀଦ ଦିବସ ରୂପେ ପାଳନ କରାଯାଉଛି । ବିଧାନସଭା ପରିସରରେ ଆଜି ପୂର୍ବାହ୍ନରେ ରାଜ୍ୟସ୍ତରୀୟ ଶହୀଦ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ବାଚସ୍ପତି ଶ୍ରୀ ବିକ୍ରମ କେଶରୀ ଆରୁଖ, ଉପବାଚସ୍ପତି ଶ୍ରୀ ରଜନୀକାନ୍ତ ସିଂ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଂଚାୟତିରାଜ ଓ ପାନୀୟଜଳ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ଶ୍ରୀ ପ୍ରଦିପ କୁମାର ଅମାତ, ବିଜ୍ଞାନ ଓ ବୈଷୟିକ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସରକାରୀ ମୁଖ୍ୟ ସଚେତକ ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲି, ବିଧାୟକ ଶ୍ରୀ ପ୍ରଫୁଲ୍ଲ ସାମଲ, ବିଧାୟକ ଶ୍ରୀ ଶଶିଭୂଷଣ ବେହେରା, ବିଧାୟକ ଶ୍ରୀ



ଅମର ଶତପଥୀ, ବିଧାୟକ ଭୂପିନ୍ଦର ସିଂହ, ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ ପ୍ରମୁଖ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଓଡ଼ିଶା ପୋଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଂଗୀତ ବାଦନ କରାଯାଇଥିଲା । ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ରର କଣ୍ଠଶିଳ୍ପୀଗଣ ଗାନ୍ଧିଜୀଙ୍କ ପ୍ରିୟ ଆଶ୍ରମ ଭଜନ 'ବୈଷ୍ଣବ ଜନ ତୋ' ପରିବେଷଣ କରିଥିଲେ । ପୋଲିସବାହିନୀ ଦ୍ୱାରା ବୀର ଶହୀଦମାନଙ୍କୁ ସମ୍ମାନ ପ୍ରଦର୍ଶନ ଉଦ୍ଦେଶ୍ୟରେ ତୋପଧ୍ୱନି, ଦୁଇ ମିନିଟ୍ ନୀରବ ପ୍ରାର୍ଥନା, ନୀରବ ପ୍ରାର୍ଥନା ସମାପ୍ତିର ସଙ୍କେତ ସ୍ୱରୂପ ଦ୍ୱିତୀୟବାର ତୋପଧ୍ୱନି କରାଯାଇଥିଲା । ଓଡ଼ିଶା ପୋଲିସ ବ୍ୟାଣ୍ଡ ଦ୍ୱାରା ରାମଧୂନ ପରିବେଷଣ ଓ ଜାତୀୟ ସଂଗୀତ ବାଦନ ପରେ କାର୍ଯ୍ୟକ୍ରମର ସମାପ୍ତି ହୋଇଥିଲା । ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସମେତ ସମସ୍ତ ଅତିଥି ବିଧାନସଭା ପରିସରରୁ ପ୍ରସ୍ଥାନ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ, ବିଧାନସଭାର ସଚିବ ଶ୍ରୀ ଦାଶରଥୀ ଶତପଥୀ, ସୂଚନା ଓ ଲୋକସଂପର୍କ ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ବୈଷୟିକ ଶ୍ରୀ ସୁରେନ୍ଦ୍ରନାଥ ପରିଡ଼ା, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ଦାସ ଓ ଅନ୍ୟ ଅଧିକାରୀବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ଭଦ୍ରକ ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ

**ଭଦ୍ରକ,(ପିଏନ)-** ଛାତ୍ରୀକାଳରୁ ଜୀବନର ଲକ୍ଷ୍ୟ ସ୍ଥିରକରି ପାରିବାରିକ ବନ୍ଧନକୁ ସୁଦୃଢ଼ କରିବାର ଶିକ୍ଷା ଲାଭକଲେ ନାରୀଜୀବନର ସାର୍ଥକତା ମିଳିଥାଏ ବୋଲି ଭଦ୍ରକ ମହିଳା ମହାବିଦ୍ୟାଳୟର ୪୨ତମ ବାର୍ଷିକ ଉତ୍ସବରେ ମତ ପ୍ରକାଶ ପାଇଛି । ଅଧ୍ୟକ୍ଷା ସୁଚିତ୍ରା ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଏହି ବର୍ଣ୍ଣାଢ଼୍ୟ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥିରୂପେ ଭଦ୍ରକର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗଦେଇ, ଜୀବନରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟରଖି ଅଧ୍ୟବସାୟ ଜାରି ରଖିଲେ ଛାତ୍ରୀମାନେ ଭବିଷ୍ୟତରେ ଏହି କ୍ଷୁଦ୍ର ପରିସରରୁ ଯାଇ ବୃହ ର କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିବାର ବାସ୍ତବ ସ୍ୱପ୍ନ ଦେଖିପାରିବେ ବୋଲି ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଭାରତୀୟ ସଂସ୍କୃତିରେ ପାରିବାରିକ ବନ୍ଧନକୁ ଗୁରୁତ୍ୱ ଦିଆଯାଉଥିବାରୁ ସ୍ନେହ ଶ୍ରଦ୍ଧାରେ ସମସ୍ତଙ୍କୁ ବାନ୍ଧିରଖିବାର କଳା ଆଜିର କନ୍ୟାମାନେ ଆହରଣ କରିବାକୁ ଉଦ୍‌ବୋଧନ ଦେଇଥିଲେ । ପ୍ରାରମ୍ଭରେ ପ୍ରାଧ୍ୟାପିକା ଅନୀତା ଦଳାଇ ଅତିଥିଙ୍କୁ ମଂଚ ଆମନ୍ତ୍ରଣ, ଛାତ୍ରୀ ସଂସଦର ଉପଦେଷ୍ଟା ପ୍ରାଧ୍ୟାପିକା ସୁପ୍ରୀତି କର ବାର୍ଷିକ ବିବରଣୀ ଉପସ୍ଥାପନ ଓ ଅଧ୍ୟାପିକା ଆଭାମୟୀ ମହାପାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ଅଧ୍ୟକ୍ଷା ଶ୍ରୀମତୀ ପାଣିଗ୍ରାହୀ ସ୍ୱାଗତ ସଂଭାଷଣ ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲାବେଳେ ଶେଷରେ ସଂଘମିତ୍ରା ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଡଃ ଅଭୟ ଦାସଙ୍କ ମୁଖ୍ୟସଂପାଦନାରେ ପ୍ରକାଶିତ ମହାବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ଭଦ୍ରାପଲ୍ଲୀ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହେବାସହ ବିଭିନ୍ନ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ନାଟ୍ୟସଂସଦ ଓ ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ଛାତ୍ରୀମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ ବିଚିତ୍ରା ପରିବେଷିତ ହୋଇଥିଲା । ମନୋଜ ସାହୁ, ଭବେଶ ସ୍ୱାଇଁ, ଗୀତାଞ୍ଜଳି ସାହୁ, ଅବନ୍ତୀ ମହାନ୍ତି, ଜ୍ୟୋତ୍ସ୍ନାରାଣୀ ଲେଙ୍କା, ଅନୀତା ପୂର୍ତ୍ତି, ଅନୀତାରାଣୀ ବାରିକ, ଅଶୋକ ନାୟକ, ସ୍ନିଗ୍ଧାରାଣୀ ଖୁଣ୍ଟିଆ, ପ୍ରଫୁଲ୍ଲ ରାଉତ, କୈଳାସ ସାହୁ, ସୁଧାକର ସାମଲ ଓ ଉର୍ମିଳା ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସମସ୍ତ କାର୍ଯ୍ୟକ୍ରମରେ ସହାୟତା କରିଥିଲେ ।

## ଅବସରପ୍ରାପ୍ତ ସୈନିକ ସଂଘର ବାର୍ଷିକ ସମ୍ମିଳନୀ

**ଭଦ୍ରକ,(ପିଏନ)-** ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସୈନିକ ସଂଘର ୩୨ତମ ବାର୍ଷିକ ସମ୍ମିଳନୀ ଓ ଜିଲ୍ଲା ସମାବେଶ ଭଦ୍ରକ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇ ଯାଇଛି । ସମ୍ମିଳନୀ ପ୍ରାରମ୍ଭରେ ସଂଘର ପତାକା ଉ ୋଳନ ସଂଘର ପ୍ରତିଷ୍ଠାତା ତଥା ଉପଦେଷ୍ଟା ଭେଟେରାନ ନାରାୟଣ ଚନ୍ଦ୍ର ଦାଶ କରିଥିଲେ । ସଂଘର ସଭାପତି ଭେଟେରାନ ରୋହିତ୍ କୁମାର ରାଏ ଏବଂ ସମ୍ପାଦକ ଭେଟେରାନ ଅଶୋକ କୁମାର ପାତ୍ରଙ୍କ ସମେତ ଅନ୍ୟ ସମସ୍ତ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ । ସଂଘ ପକ୍ଷରୁ ଏକ ପଟୁଆର ଟାଉନହଲ ଠାରୁ ବାହାରି ଅର୍ପ ବିନ୍ଧା ଛକ ପର୍ଯ୍ୟନ୍ତ ଯାଇ ବଜାର ପରିକ୍ରମା କରି ପୁଣି ଟାଉନହଲକୁ ଫେରିଥିଲେ । ସଭା ପୂର୍ବରୁ ଅତିଥିମାନେ ସଂଘର ନୂତନ ଅଫିସ ଗୃହ ନିମନ୍ତେ ଭୂମି ପୂଜନ କରିଥିଲେ । ପରେ ଟାଉନ ହଲରେ ରୋହିତ କୁମାର ରାଏଙ୍କ ଅଧ୍ୟକ୍ଷତା ଏବଂ ମହେଶ୍ୱର ଦୀକ୍ଷିତଙ୍କ ସଂଚାଳନରେ ସଭା ଅନୁଷ୍ଠିତ ହୋଇଥିଲା । ଅତିଥି ଭାବେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜିବ କୁମାର ମଲ୍ଲିକ, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭାରତୀୟ ଅବସରପ୍ରାପ୍ତ ସୈନିକ ଲିଗ୍ ଓଡ଼ିଶା, ଭୁବନେଶ୍ୱରର ଉପସଭାପତି ସମରେନ୍ଦ୍ର ପରିଜା, ସମ୍ପାଦକ ବିଦ୍ୟାଧର ନାୟକ, ରବୀନ୍ଦ୍ର କୁମାର ସାହୁ, ଅଜୟ ନାୟକ, ବିମଳ ଚନ୍ଦ୍ର ବାରିକ ପ୍ରମୁଖ ଯୋଗ ଦେଇ ଅବସରପ୍ରାପ୍ତ ସୈନିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷକ ଶଙ୍କର୍ଷଣ ଜେନା ଯୋଗ ଦେଇ ବକ୍ତବ୍ୟ ରଖିଥିବା ବେଳ ସ୍ୱତନ୍ତ୍ର ଅତିଥି ଭାବେ ସମାଜସେବିକା ସୁଜାତା ଜେନା ଯୋଗ ଦେଇଥିଲେ । ସାଂସଦ ଏବଂ ବିଧାୟକ ଅବସରପ୍ରାପ୍ତ ସୈନିକ ସଂଘର ଗୃହ ନିର୍ମାଣ ନିମନ୍ତେ ଆର୍ଥିକ ସହଯୋଗ ଯୋଗାଇ ଦେବେ ବୋଲି କହିଥିଲେ । ଏହି ଅବସରରେ ଅତିଥିମାନେ ଭେଟେରାନ ଗୋଲକ ପ୍ରସାଦ ମଲ୍ଲିକ, ଭେଟେରାନ ନୃସିଂହ ଚରଣ ଓଝା ଓ ଭେଟେରାନ ଭାଗିରଥି ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ମହେଶ୍ୱର ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ତାଲିମ କାର୍ଯ୍ୟକ୍ରମ ଶୁଭାରମ୍ଭ

**ଭୁବନେଶ୍ୱର,(ପିଏନ)-**ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନ ଓ ଜନମଙ୍ଗଳକାରୀ ଯୋଜନା ଗୁଡିକ ତୃଣମୂଳସ୍ତରରେ କାର୍ଯ୍ୟ କରିବା ସଂପର୍କରେ ଜାଣିବା ସହ ଯୋଜନାର ଲକ୍ଷ୍ୟ ହାସଲ ନିମନ୍ତେ ଏକ ତାଲିମ କାର୍ଯ୍ୟକ୍ରମ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ଆଜିଠାରୁ ଶୁଭାରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ସଚିବାଳୟ ସେବାର ୧୭ ଜଣ ଅଧିକାରୀ ସାମିଲ ହୋଇଛନ୍ତି । ସେମାନେ ଗଞ୍ଜାମ, କନ୍ଧମାଳ, ନୟାଗଡ, ଢେଙ୍କାନାଳ ଏବଂ ଅନୁଗୋଳ ଭଳି ୫ଟି ଜିଲ୍ଲାର ବିଭିନ୍ନ ବ୍ଲକକୁ କ୍ଷେତ୍ରୀୟ ପରିଦର୍ଶନରେ ଯାଇ ବିଭିନ୍ନ ଯୋଜନାର ଅନୁଧ୍ୟାନ କରିବେ । ଆର୍ଥିକ ଓ ପ୍ରଶାସନିକ ପରିଚାଳନା ମାଧ୍ୟମରେ ଯୋଜନା ଗୁଡିକର ବ୍ୟାପକତା ସଂପର୍କରେ ଅଧିକାରୀମାନେ ତଥ୍ୟ ହାସଲ କରିବେ । ଉକ୍ତ କାର୍ଯ୍ୟକ୍ରମକୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ମହାନିର୍ଦ୍ଦେଶକ ଶ୍ରୀ ରାଜ କୁମାର ଶର୍ମା ଉଦ୍ଘାଟନ କରିବା ସହ ବିଭିନ୍ନ ଯୋଜନାର ସଫଳ ରୂପାୟନ କ୍ଷେତ୍ରରେ ଅଧିକାରୀମାନଙ୍କ ପ୍ରେରଣାଦାୟୀ ସହଯୋଗ କାମନା କରିଥିଲେ । ଉକ୍ତ ତାଲିମ କାର୍ଯ୍ୟକ୍ରମ ଉଭୟ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ଏବଂ ନୂଆଦିଲ୍ଲୀସ୍ଥିତ ସଚିବାଳୟ ତାଲିମ ଏବଂ ପରିଚାଳନା ସଂସ୍ଥା ସହଯୋଗିତାରେ ପ୍ରସ୍ତୁତ କରାଯାଇଛି । ଏହା ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଉକ୍ତ କାର୍ଯ୍ୟକ୍ରମରେ ସଚିବାଳୟ ତାଲିମ ଏବଂ ପରିଚାଳନା ସଂସ୍ଥା ର କୋର୍ସ ନିର୍ଦ୍ଦେଶକ ଶ୍ରୀ କୈଳାଶ କୁମାର ସୋନୀ ଏବଂ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଉପ ମହାନିର୍ଦ୍ଦେଶକ ଶ୍ରୀ ପ୍ରତାପ କୁମାର ମିଶ୍ର, ଅତିରିକ୍ତ କମିଶନର ଡ଼ଃ ହିମାଂଶୁ ଭୁଷଣ ପଣ୍ଡା, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ କାନନବାଳା ନାୟକ, ଉପ ନିର୍ଦ୍ଦେଶକ ଡ଼ଃ ମମତାରାଣୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ପି.ସି.ସି. ପକ୍ଷରୁ ଗାନ୍ଧୀଜୀଙ୍କ ମହାପ୍ରୟାଣ ଉତ୍ସବ ଓ ଭାରତ ଯୋଡ଼ ଯାତ୍ରାର ଉଦ୍‌ଯାପନ କାର୍ଯ୍ୟକ୍ରମ ପାଳିତ

**ଭୁବନେଶ୍ୱର,(ପିଏନ)-** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆଜି ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ମହାପ୍ରୟାଣ ଉତ୍ସବ ଏବଂ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଆରମ୍ଭ ହୋଇଥିବା ଭାରତ ଯୋଡ଼ ଯାତ୍ରାର ଉଦ୍‌ଯାପନ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳେ ଚନ୍ଦ୍ରଶେଖରପୁର ନାଲ୍‌କୋ ଛକସ୍ଥିତ ମହାତ୍ମାଗାନ୍ଧୀ ପାର୍କରେ ପି.ସି.ସି. ଉପସଭାପତି ଶ୍ରୀ ଶିବାନନ୍ଦ ରାୟଙ୍କ ନେତୃତ୍ୱରେ କଂଗ୍ରେସ ନେତାଗଣ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ କଂଗ୍ରେସ ଭବନ ଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା ।

୧୦ ଘଟିକା ସମୟରେ ଭାରତ ଯୋଡ଼ ଯାତ୍ରାର ଉଦ୍‌ଯାପନ ଅବସରରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ବରିଷ୍ଠ କଂଗ୍ରେସ ନେତା ତଥା ଆଇନଜୀବି ଶ୍ରୀ ଶିବାନନ୍ଦ ରାୟ ଦଳୀୟ ପତାକା ଉତୋଳନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ବିଶ୍ୱଜିତ୍ ଦାଶ ସଂଯୋଜନା କରିଥିଲେ ଏବଂ ଶ୍ରୀ ଜ୍ୟୋତିଷ ସାହୁ ପରିଚାଳନା କରିଥିଲେ । ଉପସ୍ଥିତ ନେତୃବୃନ୍ଦ ସମବେତ ଭାବରେ ଜାତୀୟ ସଂଗୀତ ଗାନ କରିଥିଲେ । ହିଂସା, ଘୃଣା ଓ ବିଦ୍ୱେଷ ବିରୋଧରେ ସାରା ଦେଶବାସୀ ଆଜି ଏକତ୍ରିତ ହୋଇଛନ୍ତି ବୋଲି ଭାରତ ଯୋଡ଼ ଯାତ୍ରା ହିଁ ସୂଚାଉଛି ।

ଆଜି ସମସ୍ତ ୩୩ ଗୋଟି ସାଂଗଠନିକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମଧ୍ୟ ଅନୁରୂପ ଭାବରେ ମହାତ୍ମା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ଓ ଭାରତ ଯୋଡ଼ ଯାତ୍ରାର ଉଦ୍‌ଯାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

ପି.ସି.ସି. ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ସୁରେଶ କୁମାର ରାଉତରାୟ, ସୁଦର୍ଶନ ଦାସ, ଅମୀୟ ପଟ୍ଟନାୟକ, ରଜନୀ ମହାନ୍ତି, ରବି ରାୟ, ବିସ୍ମୟ ମହାପାତ୍ର, ମନୋଜ ସାହୁ, ମିହିର ଆଚାର୍ଯ୍ୟ, ଅଶୋକ ଦାସ, ଗୀତାଞ୍ଜଳୀ ମହାନ୍ତି, ସୁବ୍ରତ ମହାପାତ୍ର, ପ୍ରକାଶ ମିଶ୍ର, ଭାସ୍କର ସେଠି, ଏମ୍.ଡ଼ି. ସାହାଦୁଲ୍ଲା, କୁସୁମ ପ୍ରଧାନ, ମିତ୍ରଭାନୁ ମହାପାତ୍ର, ଲିଙ୍ଗରାଜ ସାହୁ, ଖଗେଶ୍ୱର ମଲ୍ଲିକ, ମନୋରଞ୍ଜନ ରାଉତରାୟ, ଛବି ମହାନ୍ତି, ଶ୍ରୀଧର ବଳିଆର ସିଂ, କୁଳମଣି ସାହୁ, ସାଗର ପରିଡ଼ା, ଦେବରାଜ ମିଶ୍ର, ପ୍ରସନ୍ନ ନାୟକ, ପୁଷ୍ପିତା ଦାସ, ପମି ମିଶ୍ର, ସେକ୍ ତାକୱିମ୍, ଅକ୍ଷୟ ଦାସ, ପ୍ରଭାତ ପ୍ରତାପ ସିଂ, ଉମେଶ ଦାସ, ବସନ୍ତ ପଣ୍ଡା, ଦେବେନ୍ଦ୍ର ପ୍ରସାଦ ଦାସ, ମଂଟୁ ମଲ୍ଲିକ, ରବିନ୍ଦ୍ର ପଣ୍ଡା, ବିଷ୍ଣୁ ସାହୁ ଓ ଜିତେନ୍ଦ୍ର ପଣ୍ଡା ପ୍ରମୁଖ ବହୁ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ଥିଲେ ।

## କାଜୁ ସଂପର୍କିତ ଦୁଇଦିନିଆ ଜାତୀୟ ସମ୍ମିଳନୀ

# କାଜୁ ଲକ୍ଷ ଲକ୍ଷ ଗରିବ ଲୋକଙ୍କୁ ବିଶେଷ କରି ମହିଳାମାନଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇଥାଏ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, (ପିଏନ)-** ଭାରତ ସରକାରଙ୍କ କୋଚିନ୍‌ସ୍ଥିତ କାଜୁ ଓ କୋକୋ ଉନ୍ନୟନ ନିର୍ଦ୍ଦେଶାଳୟ ଏବଂ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ୍‌ର ମିଳିତ ଆନୁକୂଲ୍ୟରେ କାଜୁ ସଂପର୍କିତ ଏକ ଦୁଇଦିନିଆ ଜାତୀୟ ସମ୍ମିଳନୀ ଆଜି ଲୋକସେବା ଭବନର କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନ ଅବସରରେ ଏକ ଶୁଭେଚ୍ଛା ବାର୍ତାରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ଓଡ଼ିଶା କାଜୁ ଉତ୍ପାଦନ ଏବଂ ପ୍ରକ୍ରିୟାକରଣରେ ଏକ ଅଗ୍ରଣୀ ରାଜ୍ୟ । କାଜୁ ଲକ୍ଷ ଲକ୍ଷ ଗରିବ ଲୋକଙ୍କୁ ବିଶେଷ କରି ମହିଳାମାନଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇଥାଏ । ରାଜ୍ୟରେ କାଜୁ ଚାଷ ଓ ପ୍ରକ୍ରିୟାକରଣର ବ୍ୟାପକ ସୁଯୋଗ ରହଛି ବୋଲି କହିବା ସହିତ ମହିଳାମାନେ ରାଜ୍ୟରେ କାଜୁର ବିକାଶ ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ବିଶ୍ୱାସ ପ୍ରକଟ କରିଛନ୍ତି । ଏଥି ସହିତ ଜାତୀୟ ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ବୈଜ୍ଞାନିକ, ଶିକ୍ଷାବିତ୍, କାଜୁଚାଷୀ ଓ କାଜୁ ଶିଳ୍ପୋଦ୍ୟୋଗୀମାନେ ନୂତନ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗରେ କାଜୁ ଉତ୍ପାଦନ ଓ ଉତ୍ପାଦିକତା ବୃଦ୍ଧି ଦିଗରେ ସମାଧାନର ପନ୍ଥା ନିର୍ଦ୍ଧାରଣ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆଶା ପ୍ରକାଶ କହିଛନ୍ତି ।

'କାଜୁ ଉତ୍ପାଦନ ଓ ଉତ୍ପାଦିକତାରେ ପ୍ରଯୁକ୍ତିବିଦ୍ୟାର ସଫଳ ପ୍ରୟୋଗ' ଶୀର୍ଷକ ସମ୍ମେଳନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଲେ ଯେ ଓଡ଼ିଶାର ଜଳବାୟୁ ଓ ମୃତିକା କାଜୁ ଚାଷ ନିମନ୍ତେ ଅତ୍ୟନ୍ତ ଉପଯୋଗୀ । ଚଳିତ ବର୍ଷ ରାଜ୍ୟର ୨୦ ହଜାର ହେକଟର ଜମିରେ ନୂତନ ଭାବରେ କାଜୁ ଚାଷ କରାଯିବା କାର୍ଯ୍ୟକ୍ରମ ହାତକୁ ନିଆଯିବ । ରାଜ୍ୟର ଜନଜାତି ଓ ପଛୁଆ ଜିଲ୍ଲାଗୁଡ଼ିକରେ କାଜୁ ଚାଷକୁ ପ୍ରୋତ୍ସାହନ ଦିଆଯାଉଛି । କାଜୁ ଉତ୍ପାଦନ ଓ ଉତ୍ପାଦିକତା ବୃଦ୍ଧି ନିମନ୍ତେ ନୂତନ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ସହ ଉନ୍ନତ ମାନର ଚାରା ଓ ପରିଚାଳନା ଆବଶ୍ୟକ ରହିଛି ବୋଲି ଡ. ପାଢ଼ୀ କହିଥିଲେ ।

ଭାରତ ସରକାରଙ୍କ ଉଦ୍ୟାନ କୃଷି ବିଭାଗର କମିଶନର ଡ. ପ୍ରଭାତ କୁମାର କହିଲେ ଯେ କାଜୁରେ ନୂଆ ଷ୍ଟାର୍ଟଅପ୍ ପ୍ରତିଷ୍ଠା କରିବାରେ ଅନେକ ସୁଯୋଗ ରହିଛି । କାଜୁଚାଷ ନିମନ୍ତେ କ୍ଲଷ୍ଟରପନ୍ଥା ଆପଣାଇବା ସହିତ ମୂଲ୍ୟବୃଦ୍ଧି ବଜାରୀକରଣ ସୃଷ୍ଟି ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ସେ କହିଥିଲେ । ଜାତୀୟ ସମ୍ମିଳନୀ ଅବସରରେ କାଜୁର ବିକାଶ ଦିଗରେ "ଭୁବନେଶ୍ୱର ଘୋଷଣାନାମା" ପ୍ରକାଶନ କରିବା ନିମନ୍ତେ ସେ ପ୍ରସ୍ତାବ ଦେଇଥିଲେ ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଲେ ଯେ ବିଶ୍ୱବିଦ୍ୟାଳୟ ପକ୍ଷରୁ ୩ଟି ହାଇବ୍ରିଡ୍ କାଜୁ କିସମ ତିଆରି କରାଯାଇଛି । ଏଥି ସହିତ ବିଶ୍ୱବିଦ୍ୟାଳୟ ପକ୍ଷରୁ 'କଳିଙ୍ଗ କାଜୁ-୧' ନାମରେ ଏକ ନୂତନ ହାଇବ୍ରିଡ୍ କିସମ ମଧ୍ୟ ଖୁବ୍‌ଶୀଘ୍ର ବାହାର କରାଯିବାର କାର୍ଯ୍ୟକ୍ରମ ରହିଛି । କାଜୁ ବଗିଚାରେ ଅନ୍ତଃଚାଷ ଭାବରେ ସାରୁ, ଭେଣ୍ଡି, ବାଇଗଣ ଇତ୍ୟାଦି ଚାଷ କଲେ ଚାଷୀଙ୍କ ରୋଜଗାର ବୃଦ୍ଧି ପାଇବ ବୋଲି ପ୍ରଫେସର ରାଉଳ କହିଥିଲେ ।

ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମର ଅଧ୍ୟକ୍ଷ ଶ୍ରୀ ସୁବାସ ଚନ୍ଦ୍ର ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ ଓଡ଼ିଶାରେ କାଜୁ ମୁଖ୍ୟତଃ ଜୈବିକ ପ୍ରଣାଳୀରେ ଚାଷ କରାଯାଇଥାଏ ଏବଂ କୋରାପୁଟ କାଜୁର ଚାହିଦା ବିଶ୍ୱବଜାରରେ ରହିଛି ।

ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ ରୋହିତ କୁମାର ଲେଙ୍କା କହିଲେ ଯେ ରାଜ୍ୟରେ ସଂପ୍ରତି ଏକ ଲକ୍ଷ ୨୦ ହଜାର ହେକଟର ଜମିରେ କାଜୁଚାଷ କରାଯାଉଛି । ରାଜ୍ୟରେ ବ୍ୟାପକ କାଜୁଚାଷ ଓ ନୂତନ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ମାଧ୍ୟମରେ କାଜୁର ଉତ୍ପାଦନ ଓ ଉତ୍ପାଦିକତା ବୃଦ୍ଧି କରାଯାଇପାରିବ ବୋଲି ସେ କହିଥିଲେ ।

ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରାଳୟ ୨୦୨୯-୩୦ ସୁଦ୍ଧା କାଜୁ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇପାରିବ ଏବଂ ଘରୋଇ ଚାହିଦାକୁ ମେଣ୍ଟାଇବା ସହିତ ପୂର୍ବ ଓ ପଶ୍ଚିମ ଆଫ୍ରିକୀୟ ଦେଶଗୁଡ଼ିକରୁ କାଜୁ ଆମଦାନୀକୁ ହ୍ରାସ କରିବାର ଲକ୍ଷ୍ୟ ରଖିଛି । ଆୟୋଜିତ ସମ୍ମେଳନରେ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗରେ ଉନ୍ନତ ମାନର କାଜୁ ଚାରା ଉତ୍ପାଦନ, ସମନ୍ୱିତ ରୋଗପୋକ ନିୟନ୍ତ୍ରଣ, ଅମଳ ପରବର୍ତୀ ପରିଚାଳନା, ମୂଲ୍ୟଯୁକ୍ତ, ପ୍ରକ୍ରିୟାକରଣ, ପ୍ୟାକେଜିଂ ଏବଂ ବଜାରୀକରଣ ଆଦି ଦିଗରେ ବିଶେଷଜ୍ଞମମାନଙ୍କ ଦ୍ୱାରା ଆଲୋଚନାର ନିଷ୍କର୍ସରୁ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରାଳୟ କାଜୁର ବିକାଶ ନିମନ୍ତେ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବାର ଲକ୍ଷ୍ୟ ରଖିଛି ।

ସୂଚନାଯୋଗ୍ୟ ଯେ ସଂପ୍ରତି ଦେଶରେ ୧୯ଟି ରାଜ୍ୟରେ ପ୍ରାୟ ୧୧ ଲକ୍ଷ ୬୫ ହଜାର ହେକଟର ଜମିରେ କାଜୁଚାଷ କରାଯାଇ ବାର୍ଷିକ ମୋଟ ୭ ଲକ୍ଷ ୫୦ ହଜାର ଟନ କାଜୁ ଉତ୍ପାଦନ ହୋଇପାରୁଛି । ଦେଶରେ ସଂଗଠିତ ଓ ଅଣସଂଗଠିତ କ୍ଷେତ୍ରରେ ୪ ହଜାରରୁ ଊର୍ଦ୍ଧ୍ୱ କାଜୁ ପ୍ରକ୍ରିୟାକରଣ ଶିଳ୍ପରେ ୧୭ ଲକ୍ଷ ଟନ କାଜୁ ପ୍ରକ୍ରିୟାକରଣ କରିବାର କ୍ଷମତା ରହିଛି । ଏଥି ନିମନ୍ତେ ବର୍ଷକୁ ପ୍ରାୟ ୯୦୦୦ କୋଟି ଟଙ୍କା ମୂଲ୍ୟର ପ୍ରାୟ ୯ ଲକ୍ଷ ଟନ କାଜୁ ଆମଦାନୀ କରିବାକୁ ପଡୁଛି । ଉତ୍ସବରେ କାଜୁ ଓ କୋକୋ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ଭେଙ୍କଟେସ୍ ଏନ୍ ହୁବାଲ୍ଲୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଦାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ରାଜ୍ୟ ତଥା ଦେଶର ଅଗ୍ରଣୀ କାଜୁଚାଷୀ, କାଜୁ ଶିଳ୍ପୋଦ୍ୟୋଗୀ, ଗବେଷଣା କେନ୍ଦ୍ର, କାଜୁ ନର୍ସରୀମାନଙ୍କୁ ଉଲ୍ଲେଖନୀୟ ସଫଳତା ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ମେଳନରେ ଦେଶର ୧୯ଟି ରାଜ୍ୟର ୨୫୦ରୁ ଊର୍ଦ୍ଧ୍ୱର୍ କାଜୁଚାଷୀ, ପ୍ରୋସେସର, ବିଶେଷଜ୍ଞ, ବୈଜ୍ଞାନିକ, କାଜୁ ରପ୍ତାନୀକାରୀ ଏବଂ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ଅନୁଷ୍ଠାନର ପ୍ରତିନିଧିମାନେ ଯୋଗଦେଇଥିଲେ । ଉତ୍ସବ ପ୍ରାରମ୍ଭରେ ରାଜ୍ୟର ଦିବଂଗତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

## ଗୁଆମାଳ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ କାର୍ଯ୍ୟକଳାପ ନେଇ ଅସନ୍ତୋଷ, ଜିଲାପାଳଙ୍କ ନିକଟରେ ଅ ଳବାସୀ କଲେ ଅଭିଯୋଗ

**ଭଦ୍ରକ, (ପିଏନ)-** ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଗୁଆମାଳ ଉପସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରଣବ କୁମାର ମହାନ୍ତିଙ୍କ କାର୍ଯ୍ୟକଳାପକୁ ନେଇ ଅ ଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏନେଇ ସୋମବାର ବିଜୟ କୁମାର ଜେନା, ବିବେକାନନ୍ଦ ଜେନା, ଅଶୋକ ଜେନା, ଭାସ୍କର ଜେନା, ଅନୁରାଧା ପାଣିଗ୍ରାହୀ, ଶମ୍ଭୁନାଥ ଜେନା, ରମାକାନ୍ତ ମାଝୀ, ମନ୍ମଥ କୁମାର ଦାସ, ମନୋଜ କୁମାର ମହାନ୍ତି, ସତ୍ୟବ୍ରତ ମହାନ୍ତି, ରାମଚନ୍ଦ୍ର ଦାସ ପ୍ରମୁଖ ବହୁ ଅ ଳବାସୀ ଜିଲାପାଳଙ୍କୁ ଅଭିଯୋଗ ଶୁଣାଣି ଶିବିରରେ ସାକ୍ଷାତ କରି ଲିଖିତ ଭାବେ ଜଣାଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ଡା. ଶ୍ରୀ ମହାନ୍ତି ୨୦୨୦ ମସିହା ମାର୍ଚ୍ଚ ମାସରେ ନିଯୁକ୍ତି ହୋଇଥିଲେ ମଧ୍ୟ ସପ୍ତାହକୁ ଗୋଟିଏ ଦିନ ତିହିଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରି ୨୦୨୧ ଡିସେମ୍ବର ପର୍ଯ୍ୟନ୍ତ ପ୍ରତ୍ୟେକ ମାସ ଦରମା ନେଇ ଅଛନ୍ତି, ଗୁଆମାଳ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଡାକ୍ତରଙ୍କ ନିମନ୍ତେ ସରକାରୀ କ୍ୱାର୍ଟର ଥାଇ ମଧ୍ୟ ଡାକ୍ତର ବିନା ବିଦ୍ୟୁତ୍ ଗ୍ରାହକରେ ମଲ୍‌ଟି ୟୁଟିଲିଟି ରୁମ୍‌ରେ ଦୀର୍ଘଦିନ ଧରି ରହି ଆସୁଛନ୍ତି । ଯାହାଫଳରେ ଯୋଗ କ୍ଲାସ ଓ ଫିଜୋଥୋରାପି ସୁଯୋଗ ଓପିଡିରେ ସାଧାରଣ ଲୋକାମାନେ ପାଇ ପାରୁ ନାହାନ୍ତି । ଡାକ୍ତର ରୋଗୀମାନଙ୍କୁ ବାହାରକୁ ପରୀକ୍ଷା ପାଇଁ ପରୀକ୍ଷା ପାଇଁ ଏବଂ ଔଷଧ କିଣିବାକୁ ଡିଉଟି ସମୟରେ ଲେଖୁଛନ୍ତି । ଯାହାଫଳରେ ନିରାମୟ ଯୋଜନାର କାର୍ଯ୍ୟକାରିତା ଉପରେ ସୃଷ୍ଟି ହେଉଛି । ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଅପରାହ୍ନ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିଫଳ ହେଉଛି । ଉପରଓଳି କର୍ମଚାରୀଙ୍କ ଦ୍ୱାରା ରୋଗୀସେବା କରାଯାଉଛି ବୋଲି ଅଭିଯୋଗ ହୋଇଛି । ଏ ସମ୍ପର୍କରେ ଡା. ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଅଭିଯୋଗର କୌଣସି ସତ୍ୟତା ନାହିଁ । ସରକାରୀ କ୍ୱାର୍ଟରଟି ଜନ ଆରୋଗ୍ୟ ସମିତି ଦ୍ୱାରା ଡେମେଜ ଘୋଷଣା କରାଯାଇଛି ।




## ସମାଜବାଦୀ ପାର୍ଟି ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୭୫ତମ ମହାପ୍ରୟାଣ ଦିବସ ପାଳିତ

**ଭୁବନେଶ୍ୱର, (ପିଏନ)**-ସତ୍ୟ, ଅହିଂସା ଓ ଶାନ୍ତିର ପୂଜାରୀ, ଭାରତୀୟ ସ୍ୱାଧୀନତା ସଂଗ୍ରାମର ବରେଣ୍ୟ ନେତା, ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୭୫ତମ ମହାପ୍ରୟାଣ ଦିବସ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ପାଳିତ ହୋଇଯାଇଛି। ଦଳୀୟ କର୍ମୀମାନେ ରାଜ୍ୟ ସଭାପତି ରବି ବେହେରାଙ୍କ ନେତୃତ୍ୱରେ ସୋମବାର ସକାଳ ୯ ଘଟିକା ସମୟରେ ଚନ୍ଦ୍ରଶେଖରପୁରସ୍ଥିତ ମହାତ୍ମା ଗାନ୍ଧୀ ପାର୍କରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେଠାରେ ଉପସ୍ଥିତ ଦଳୀୟ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ବେହେରା ଦେଶରେ ମୌଳବାଦ, ଧର୍ମାନ୍ଧତା, ବେକାରୀ, ଦରଦାମ ବୃଦ୍ଧି ଓ ସାମ୍ପ୍ରଦାୟକତା ବିରୁଦ୍ଧରେ ଗାନ୍ଧୀଙ୍କ ପ୍ରଦର୍ଶିତ ମାର୍ଗରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାର୍ଟିର ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ଯୁବ ସଭାପତି ସୁବ୍ରତ ଲେଙ୍କା, ଯୁବନେତା ଦେବାଶିଷ ମହାପାତ୍ର ଓ ବରିଷ୍ଠ ନେତା ବିଜୟ ବେହେରା ପ୍ରମୁଖ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ଉତ୍କଳ ବିଶ୍ୱବିଦ୍ୟାଳୟରେ ସହିଦ ଦିବସ ପାଳିତ

ଭୁବନେଶ୍ୱର,(ପିଏନ)- ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ, ଆଲୁମ୍ନି କନେକ୍ଟ ଏବଂ ଏନ୍‌ଏସ୍‌ଏସ୍ ଶାଖାର ମିଳିତ ସହଯୋଗରେ ଆଜି ବିଶ୍ୱବିଦ୍ୟାଳୟ ପରିସରସ୍ଥ ଅହିଂସା ସ୍ଥଳରେ ସହିଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ପୁରାତନ ଛାତ୍ରସଂଘ ସଭାପତି ତଥା ପୂର୍ବତନ ମୁଖ୍ୟଶାସନ ସଚିବ ବିଜୟ କୁମାର ପଟ୍ଟନାୟକ, ସମ୍ପାଦକ ତଥା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଉପାଧ୍ୟକ୍ଷ ପ୍ରଫେସର ଅଶୋକ ଦାସ ଏବଂ ଉପସ୍ଥିତ ଅନ୍ୟମାନେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରିବା ସହିତ ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ।

# ଫେବୃଆରୀ ୧ରୁ ୩ ତାରିଖ ପର୍ଯ୍ୟନ୍ତ ପଦୋନ୍ନତି ଅଦାଲତ

**ଭୁବନେଶ୍ୱର,(ପିଏନ)**- ଫେବୃଆରୀ ୧ରୁ ୩ ତାରିଖ ପର୍ଯ୍ୟନ୍ତ ପଦୋନ୍ନତି ଅଦାଲତ ଆୟୋଜନ ନିମନ୍ତେ ରାଜ୍ୟ ସରକାର ବିଧିବଦ୍ଧ ନିଷ୍ପତି ନେଇଛନ୍ତି । ୨୦୨୨ ଡିସେମ୍ବର ୩୧ ସୁଦ୍ଧା ଯେଉଁ ସରକାରୀ କର୍ମଚାରୀମାନେ ପଦୋନ୍ନତି ପାଇପାରିଥାନ୍ତେ, କିନ୍ତୁ ପାଇନାହାନ୍ତି ସେସବୁ ପଦୋନ୍ନତି ପ୍ରସଙ୍ଗଗୁଡ଼ିକ ପଦୋନ୍ନତି ଅଦାଲତରେ ବିଚାରକୁ ନିଆଯିବ ।

ଇମେଲ ଜରିଆରେ ସମୁଦାୟ ୧୩୨୬ଟି ଆବେଦନପତ୍ର ଗ୍ରହଣ କରାଯାଇଛି । ତନ୍ମଧ୍ୟରୁ ଇମେଲ ଜରିଆରେ ମିଳିଥିବା ୬୭୧ଟି ଆବେଦନପତ୍ର ଓ ପଦୋନ୍ନତି ଅଦାଲତ ପୋର୍ଟାଲ ଜରିଆରେ ମିଳିଥିବା ୬୫୫ଟି ଆବେଦନପତ୍ରକୁ ପଦୋନ୍ନତି ଅଦାଲତରେ ପେଶ୍ କରାଯିବ । ଆବେଦନକାରୀମାନଙ୍କୁ ପ୍ରାପ୍ତିସ୍ୱୀକାର ପଠାଇ ଦିଆଯାଇଛି । ଇମେଲ ବା ପଦୋନ୍ନତି ଅଦାଲତ ପୋର୍ଟାଲରେ ଉପଲବ୍ଧ ପ୍ରାପ୍ତିସ୍ୱୀକାରର ଗୋଟିଏ ଫଟୋକପି ଆଣିବାକୁ ସଂପୃକ୍ତ ଆବେଦନକାରୀମାନଙ୍କୁ ପରାମର୍ଶ ଦିଆଯାଇଛି । ପଦୋନ୍ନତି ଅଦାଲତ ଅନୁଷ୍ଠିତ ହେଉଥିବା ସ୍ଥାନଗୁଡ଼ିକୁ କେବଳ ଆବେଦନକାରୀମାନେ ପ୍ରବେଶ କରିପାରିବେ ।

ପଦୋନ୍ନତି ଅଦାଲତଗୁଡ଼ିକର ବିସ୍ତୃତ କାର୍ଯ୍ୟସୂଚୀ ସାଧାରଣ ପ୍ରଶାସନ ଓ ପେନ୍‌ସନ୍ ଅଭିଯୋଗ ବିଭାଗର ୱେବ୍‌ସାଇଟ୍‌ରୁ ମିଳପାରିବ । ପଦୋନ୍ନତି ଅଦାଲତର ଦାୟିତ୍ୱାଧିନ ଅଧିକାରୀ, ସ୍ଥାନ, ବିଭାଗ, ତାରିଖ ଓ ସମୟ ନିର୍ଘଣ୍ଟ ଆଦି ସ୍ଥିରୀକୃତ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଫେବୃଆରୀ ୧ ତାରିଖ ସକାଳ ୧୦ଟାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଅପରାହ୍ଣ ୩ଟାରେ ଯୋଜନା ଓ ସଂଯୋଜନ ବିଭାଗ, ଫେବୃଆରୀ ୨ ତାରିଖ ସକାଳ ୧୦ଟାରେ ଗ୍ରାମ୍ୟ ଉନ୍ନୟନ ବିଭାଗ, ଅପରାହ୍ଣ ୩ ଘଟିକାରେ ଇସ୍ପାତ ଓ ଖଣି ବିଭାଗ, ଫେବୃଆରୀ ୩ ତାରିଖ ସକାଳ ୧୦ଟାରେ ଜଙ୍ଗଲ ଓ ପରିବେଶ ବିଭାଗର ଆବେଦନଗୁଡ଼ିକର ବିଚାର ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିପରି ମୁଖ୍ୟମନ୍ତ୍ରୀଙ୍କ ଅଭଯୋଗ ପ୍ରକୋଷ୍ଠଠାରେ ଫେବୃଆରୀ ୧ ତାରିଖ ସକାଳ ୧୦ଟାରେ ଉଚ୍ଚଶିକ୍ଷା ବିଭାଗ, ଅପରାହ୍ଣ ୩ଟାରେ ବିଜ୍ଞାନ ଓ ବୈଷୟିକ ବିଭାଗ, ଫେବୃଆରୀ ୨ ତାରିଖ ସକାଳ ୧୦ଟାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ୩ଟାରେ ସାଧାରଣ ଉଦ୍ୟୋଗ ବିଭାଗ, ଫେବୃଆରୀ ୩ ତାରିଖ ସକାଳ ୧୦ଟାରେ କ୍ରୀଡ଼ା ଓ ଯୁବସେବା ବିଭାଗ, ଅପରାହ୍ଣ ୩ ଘଟିକାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗରୁ ମିଳିଥିବା ଆବେଦନଗୁଡ଼ିକ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ନିକୁଞ୍ଜ କିଶୋର ସୁନ୍ଦରରାୟଙ୍କ ଅଦାଲତରେ ବିଚାର ହେବ ।

ଗୋପବନ୍ଧୁ ଏକାଡେମୀର ନୂତନ ସମ୍ମିଳନୀ କକ୍ଷରେ ଫେବୃଆରୀ ୧ ତାରିଖ ଦିନ ସକାଳ ୧୦ଟାରେ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ, ଅପରାହ୍ଣ ୩ଟାରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ, ଫେବୃଆରୀ ୨ ତାରିଖ ଦିନ ସକାଳ ୧୦ଟାରେ ଅବକାରୀ ବିଭାଗ, ଅପରାହ୍ଣ ୩ଟାରେ ସୂଚନା ଓ ଲୋକସଂପର୍କ ବିଭାଗ, ଫେବୃଆରୀ ୩ ତାରିଖ ସକାଳ ୧୦ଟାରେ ସମବାୟ ବିଭାଗର ଆବେଦନଗୁଡ଼ିକର ବିଚାର ନିମନ୍ତେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ରାଜ କୁମାର ଶର୍ମାଙ୍କୁ ଦାୟିତ୍ୱ ଦିଆଯାଇଛି ।

କଳିଙ୍ଗ ଷ୍ଟାଡିୟମ୍‌ର ସମ୍ମିଳନୀ କକ୍ଷରେ ଫେବୃଆରୀ ୧ ତାରିଖ ସକାଳ ୧୦ଟାରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ, ଅପରାହ୍ଣ ୩ଟାରେ ବାଣିଜ୍ୟ ଓ ପରିବହନ(ବାଣିଜ୍ୟ) ବିଭାଗ, ଫେବୃଆରୀ ୨ ତାରିଖ ଦିନ ସକାଳ ୧୦ଟାରେ ଜଳସଂପଦ ବିଭାଗ, ଅପରାହ୍ଣ ୩ଟାରେ ପୂର୍ତ୍ତ ବିଭାଗ, ଫେବୃଆରୀ ୩ ତାରିଖରେ ସକାଳ ୧୦ଟାରେ ବାଣିଜ୍ୟ ଓ ପରିବହନ (ପରିବହନ) ବିଭାଗ, ଅପରାହ୍ଣ ୩ଟାରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରୁ ମିଳିଥିବା ଆବେଦନଗୁଡ଼ିକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓରଞ୍ଜନ କୁମାର ସିଂ ବିଚାର କରିବେ ।

ଇଡ୍‌କୋ ଭବନର ପଂଚମ ମହଲାସ୍ଥିତ ସମ୍ମିଳନୀ କକ୍ଷରେ ଫେବୃଆରୀ ୧ ତାରିଖ ୧୦ଟାରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ଅପରାହ୍ଣ ୩ଟାରେ ଅର୍ଥ ବିଭାଗ, ଫେବୃଆରୀ ୨ ତାରିଖ ସକାଳ ୧୦ଟାରେ ଶକ୍ତି ବିଭାଗ, ଅପରାହ୍ଣ ୩ଟାରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଫେବୃଆରୀ ୩ ତାରିଖ ସକାଳ ୧୦ଟାରେ ପର୍ଯ୍ୟଟନ ବିଭାଗ, ଅପରାହ୍ଣ ୩ଟାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଆବେଦନଗୁଡ଼ିକୁ ବିଚାର ନିମନ୍ତେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ମୋନା ଶର୍ମାଙ୍କୁ ଦାୟିତ୍ୱ ଦିଆଯାଇଛି ।

କୃଷି ଭବନ ପ୍ରେକ୍ଷାଳୟରେ ଫେବୃଆରୀ ୧ ତାରିଖ ସକାଳ ୧୦ଟାରେ କୃଷି ବିଭାଗ, ଅପରାହ୍ଣ ୩ଟାରେ ସଂସଦୀୟ ବ୍ୟାପାର ବିଭାଗ, ଫେବୃଆରୀ ୨ ତାରିଖ ସକାଳ ୧୦ଟାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଅପରାହ୍ଣ ୩ଟାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଫେବୃଆରୀ ୩ ତାରିଖ ଦିନ ସକାଳ ୧୦ଟାରେ ଗୃହ ବିଭାଗ, ଅପରାହ୍ଣ ୩ଟାରେ ସାଧାରଣ ଅଭିଯୋଗ ଓ ସାଧାରଣ ଅଭିଯୋଗ ବିଭାଗର ଆବେଦନଗୁଡ଼ିକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ବିଚାର କରିବେ ।

ୟୁନିଟ୍ ୮ ସ୍ଥିତ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ(ଏସ୍‌ଆଇଆର୍‌ଡି)ର ସମ୍ମିଳନୀ କକ୍ଷରେ ଫେବୃଆରୀ ୧ ତାରିଖ ସକାଳ ୧୦ଟାରେ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ, ଅପରାହ୍ଣ ୩ଟାରେ ଆଇନ ବିଭାଗ, ଫେବୃଆରୀ ୨ ତାରିଖ ସକାଳ ୧୦ଟାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଅପରାହ୍ଣ ୩ଟାରେ ଇଲେକ୍‌ଟ୍ରୋନିକ୍ସ ଓ ଆଇଟି ବିଭାଗ, ଫେବୃଆରୀ ୩ ତାରିଖ ସକାଳ ୧୦ଟାରେ ଶିଳ୍ପ ବିଭାଗ, ଅପରାହ୍ଣ ୩ଟାରେ ଏମ୍‌ଏସ୍‌ଏମ୍‌ଇ ବିଭାଗର ଆବେଦନପତ୍ର ଗୁଡ଼ିକ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁଙ୍କ ଅଦାଲତରେ ଉପସ୍ଥାପନ କରାଯିବ । ଆବଶ୍ୟକ ସ୍ଥଳେ ସମୟ ନିର୍ଘଣ୍ଟକୁ ବୃଦ୍ଧି କରାଯାଇପାରେ ।

## ଓଡ଼ିଶା ସର୍ଟହାଣ୍ଡ ରାଇଟର୍ସ ଆସୋସିଏସନ୍‌ର ବାର୍ଷିକ ସାଧାରଣ ଅଧିବେଶନ

**ଭୁବନେଶ୍ୱର,(ପିଏନ)**- ଓଡ଼ିଶା ସର୍ଟହାଣ୍ଡ ରାଇଟର୍ସ ଆସୋସିଏସନ୍‌ର ବାର୍ଷିକ ସାଧାରଣ ଅଧିବେଶନ ତା୨୯.୦୧.୨୦୨୩ରିଖ ରେଡକ୍ରସ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଷ୍ଟେନୋଗ୍ରାଫର୍ ସଭ୍ୟସଭ୍ୟାମାନେ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ । ମୁଖ୍ୟଅତିଥି ଭାବେ ଡଃ ଅମର ପଟ୍ଟନାୟକ, ସାଂସଦ (ରାଜ୍ୟସଭା) ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସଙ୍ଗେ ସଙ୍ଗେ ସଂଘର ସମସ୍ତ ଦାବି ସରକାରଙ୍କ ପାଖରେ ଉପସ୍ଥାପିତ କରି ଦାବି ହାସଲ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

ସଂଘର ସଭାପତି ଶ୍ରୀ ଅଜୟ କୁମାର ଦାସ ସ୍ୱାଗତ ଭାଷଣ ଦେବା ସଙ୍ଗେ ସାଧାରଣ ସମ୍ପାଦକ ବ୍ରଜେନ୍ଦ୍ର କୁମାର ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସଂଘର ସଭ୍ୟ ଓ ସଭ୍ୟାମାନେ ବିଭିନ୍ନ ଦାବି ସମ୍ପର୍କିତ ଆଲୋଚନାରେ ଭାଗ ନେଇ ନିଜ ନିଜର ମତ ଉପସ୍ଥାପନ କରିଥିଲେ । ସମସ୍ତ ଦାବି ମଧ୍ୟରୁ ମୁଖ୍ୟତଃ କ୍ୟାଡର ସଂଶୋଧନ, ଶିକ୍ଷାଗତ ଯୋଗ୍ୟତା ଗ୍ରାଜୁଏସନ୍, ପ୍ରଥମ ନିଯୁକ୍ତିରେ ଗ୍ରେଡ୍ ପେ' ୪୨୦୦ଟଙ୍କା ଓ ଅନ୍ୟାନ୍ୟ ପ୍ରସ୍ତାବ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଯାହାକି ପରମୁହୂର୍ତ୍ତରେ ସଂଘର ପ୍ରତିଷ୍ଠାତା ସଭ୍ୟ ଶ୍ରୀଯୁକ୍ତ ବଳରାମ ମିଶ୍ର ଏବଂ ପୂର୍ବତନ ସଭ୍ୟମାନେ ସମ୍ମତ ପ୍ରକାଶ କରିଥିଲେ । ବିଭିନ୍ନ ଦାବିଗୁଡ଼ିକୁ ସଂଘ ତରଫରୁ ଓଡ଼ିଶା ଲୋକପ୍ରିୟ ସରକାରଙ୍କ ପାଖରେ ଉପସ୍ଥାପନ କରିବାକୁ ନିଷ୍ପତି ନିଆଗଲା । ପରିଶେଷରେ ସଂଘର ବିଧିବିଧାନ ଅନୁଯାୟୀ ଶ୍ରୀଯୁକ୍ତ ପ୍ରମୋଦ ବେଭାର, ଇଲେକ୍ସ ରିଟର୍ଣ୍ଣିଂ ଅଫିସରଙ୍କ ପୌରହିତ୍ୟରେ ଆଗାମୀ ଦିନ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚିତ କରାଗଲା । ସେମାନଙ୍କ ମଧ୍ୟରେ ମୁଖ୍ୟତଃ ସଭାପତି ଭାବେ ବ୍ରଜେନ୍ଦ୍ର କୁମାର ବେହେରା, ଉପସଭାପତି - ଅଜୟ କୁମାର ଦାସ, ସାଧାରଣ ସମ୍ପାଦକ- ଦିଲ୍ଲୀପ କୁମାର ଦୋରା, ମୁଖ୍ୟଦପ୍ତର ସମ୍ପାଦକ - ଜ୍ଞାନ ରଂଜନ ମହାନ୍ତି, ଜିଲ୍ଲା ଦପ୍ତର ସମ୍ପାଦକ -ଜ୍ୟୋତିରଂଜନ ମୁଦୁଲି, ହରିହର ବିଶୋଇ, ସାଂସ୍କୃତିକ ସମ୍ପାଦକ - ପ୍ରଭୁଦ ପଟ୍ଟନାୟକ, କୋଷାଧ୍ୟକ୍ଷ - କେଦାରନାଥ ପାଢୀ, ଅଫିସ୍ ସମ୍ପାଦକ- ନମିତା ବେହେରା ଓ ଅଡିଟର - ନମିତା ଦାସ । ଏହା ସହିତ ୧୦ଜଣ କାର୍ଯ୍ୟ ନିର୍ବାହୀ ସଭ୍ୟ -ବିଦ୍ୟାଧର ଦାସ, ଅଲେଖ ଚରଣ ସେଠୀ, ପ୍ରଭାକର ସାହୁ, ଝରଣା ମାଣି, ସନ୍ତୋଷ କୁମାର ବାରିକ, ବିଦ୍ୟାଧର ପ୍ରଧାନ, ପରେଶ ନାୟକ, ସବିତା ପାଣି, ଲକ୍ଷ୍ମୀ ମୁର୍ମୁ, ସୌରଜିତ ନାୟକ । ସ୍ୱତନ୍ତ୍ର ନିମନ୍ତ୍ରିତ କାର୍ଯ୍ୟ ନିର୍ବାହୀ ସଭ୍ୟ ଭାବେ ସୁଶାନ୍ତ କୁମାର ସାହୁ, ବାସନ୍ତିଲତା ମିଶ୍ର, ରବି ନାରାୟଣ ମୁଣ୍ଡା, ସନ୍ତୋଷ କୁମାର ବେହେରା, ସଂଜୀବ ମଲ୍ଲିକ, ହେମନ୍ତ କୁମାର ଭୋଇ, ଜ୍ଞାନରଂଜନ ପୃଷ୍ଟି, ତ୍ରିନାଥ ଜେନା, ମଧୁସୂଦନ ସାହୁ ଓ ଦିଲ୍ଲୀପ କୁମାର ଦାସ ପ୍ରମୁଖ ନିର୍ବାଚିତ ହୋଇଥିଲେ ।

## ସଂସ୍କୃତି ବିଭାଗ ପକ୍ଷରୁ ବଳିଦାନ ଦିବସରେ ବାପୁଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,(ପିଏନ)- ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୭୫ତମ ବଳିଦାନ ଦିବସରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର ମହାତ୍ମା ଗାନ୍ଧୀ ପାର୍କସହ ବିଭିନ୍ନ ସ୍ଥାନରେ ଥିବା ପ୍ରତିମୂର୍ତ୍ତି ସ୍ଥଳୀରେ ମାଲ୍ୟାର୍ପଣ ସହ ଦୀପଦାନ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଅଛି । ପ୍ରତ୍ୟୁଷରେ ଭୁବନେଶ୍ୱର ମହାତ୍ମାଗାନ୍ଧୀ ପାର୍କରେ ସଂକୀର୍ତ୍ତନ ସହ ପ୍ରଭାତ ଫେରି ଓ ରାମଧୂନ ଗାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଡଃ ରଙ୍ଗାଧର ସାହୁ, ବିଜୁ ଜନତାଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ରୀତା ମହାନ୍ତି, ସଂଯୁକ୍ତା ମିଶ୍ର, ସରୋଜିନୀ ମିଶ୍ର, ଅନୁପମା ବେହେରା, ରୋହିତ କୁମାର ନାୟକ, ଗିରିଜା ଶଙ୍କର ମହାପାତ୍ର, ମାନବେନ୍ଦ୍ର ମିଶ୍ର, ଉଇ ଫର ଭୁବନେଶ୍ୱର ଓ ଜୟ ଓଡ଼ିଶା ସଭ୍ୟବୃନ୍ଦ ପ୍ରମୁଖ ନିଜ ବକ୍ତବ୍ୟରେ ବିଶ୍ୱ ଆତଙ୍କବାଦ ବିଲୋପ ସାଧନ ସହ ବିଶ୍ୱଶାନ୍ତି ପ୍ରତିଷ୍ଠା ନିମନ୍ତେ ଗାନ୍ଧିବାଦ ଏକ ମାତ୍ର ଅସ୍ତ୍ର ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଗାନ୍ଧିବାଦୀ ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ, ସାମ୍ବାଦିକ ମନୋରଂଜନ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା । ଏହାପରେ ଭୁବନେଶ୍ୱର ଆନନ୍ଦ ବଜାର ଗାନ୍ଧିପୀଠ, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ନିର୍ଦ୍ଦେଶାଳୟ ଗାନ୍ଧିପୀଠ, ଗାନ୍ଧୀ ପଦଯାତ୍ରା କରି ଅବସ୍ଥାନ କରିଥିବା ବାଳକାଟି, ସତ୍ୟଭାମାପୁର, ବଇଁଚୁଆ, ବାଲିଅନ୍ତା ମହାତ୍ମା ଗାନ୍ଧୀ ସେତୁ ଓ ବାଲିଅନ୍ତା ଗାନ୍ଧୀପୀଠରେ ଥିବା ବାପୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏଠାରେ ଗାନ୍ଧୀ ପଦଯାତ୍ରା ସ୍ମୃତି, ପ୍ରତାପ ଶାସନ ହାଇସ୍କୁଲ୍, ସତ୍ୟଭାମାପୁର ହାଇସ୍କୁଲ୍, ବଇଁଚୁଆ ହାଇସ୍କୁଲ୍ ଶିକ୍ଷକ ଓ ଛାତ୍ରଛାତ୍ରୀବୃନ୍ଦ, ମହାତ୍ମା ପଦଯାତ୍ରା ସ୍ମୃତି ପରିଷଦ ସହ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ସାମିଲ୍ ହୋଇଥିଲେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଡାକୋଟା ବିମାନ : ଏକ ଅନନ୍ୟ ଅନୁଭବ

**ଶ୍ୟାମ ସୁନ୍ଦର ସାମଲ**





ପ୍ରବାଦ ପୁରୁଷ ଦୁର୍ଦ୍ଧର୍ଷ ପାଇଲଟ ବିଜୁ ପଟ୍ଟନାୟକଙ୍କ ଐତିହାସିକ ସ୍ମୃତି ବହନ କରୁଥିବା ଡାକୋଟା ବିମାନ ଇତିମଧ୍ୟରେ ଭୁବନେଶ୍ୱରରେ ପହଞ୍ଚିଛି। ଦୀର୍ଘବର୍ଷ ଧରି କୋଲକାତାସ୍ଥିତ ନେତାଜୀ ସୁଭାଷ ଆନ୍ତର୍ଜାତିକ ବିମାନ ବନ୍ଦରରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିବା ପରେ ଶେଷରେ ଏ ସ୍ମୃତି ସନ୍ତକଟିକୁ ଓଡ଼ିଶା ଅଣାଯାଇଛି। ଏ ବିମାନରେ ବିଜୁ ପଟ୍ଟନାୟକ ଅନେକ ଦୁଃସାହସିକ ଉଡାଣ କରିଛନ୍ତି। ଏହା ମଧ୍ୟରେ ସବୁଠୁ ଶ୍ରେଷ୍ଠ ହେଉଛି ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଡଚମାନଙ୍କ କବଳରୁ ମୁକ୍ତ କରି ଭାରତ ଉଡାଇ ଆଣିବା। ୧୯୪୭ ମସିହା ଜୁଲାଇ ମାସରେ ଇଣ୍ଡୋନେସିଆର ତତ୍କାଳୀନ ସୁଲତାନ ଶାଜାହିର ଓ ଉପରାଷ୍ଟ୍ରପତି ସୁକର୍ଣ୍ଣୋଙ୍କୁ ବିଜୁବାବୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ ଏହି ଡାକୋଟା ବିମାନରେ। ଏହି ଅଭିଯାନରେ ବିଜୁ ବାବୁଙ୍କ ସହିତ କେବଳ ଜଣେ ସହ ପାଇଲଟ ଥିଲେ। ସେ ହେଉଛନ୍ତି ତାଙ୍କ ପତ୍ନୀ ଜ୍ଞାନ ପଟ୍ଟନାୟକ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମଧ୍ୟ ନିଜ ଜୀବନକୁ ବାଜି ଲଗାଇ ବିଜୁବାବୁ ଅନେକ ଇଂରେଜଙ୍କ ଜୀବନ ରକ୍ଷା କରିଥିଲେ। ଦୁର୍ଭାଗ୍ୟର କଥା ସ୍ୱାଧୀନତା ସଂଗ୍ରାମୀଙ୍କ ସହ ତାଙ୍କର ଗୁପ୍ତ ସମ୍ପର୍କ ଖବର ପାଇଁ ବ୍ରିଟିଶ ସରକାର ତାଙ୍କୁ ୧୧୪୩, ଜାନୁଆରୀ ୧୨ ତାରିଖରେ ଗିରଫ କରିଥିଲେ। ଜେଲରୁ ମୁକ୍ତ ହେବା ପରେ ସେ ନିଜ ଉଦ୍ୟମରେ କଳିଙ୍ଗ ଏୟାରୱେଜ ସହିତ ଭୁବନେଶ୍ୱରରେ ଏକ ପାଇଲଟ ତାଲିମ ପ୍ରତିଷ୍ଠାନ ଆରମ୍ଭ କରିଥିଲେ।

ଡାକୋଟା ସହିତ ବିଜୁ ବାବୁଙ୍କର ଅନେକ ସ୍ମୃତି ଜଡ଼ିତ ରହିଛି। ସ୍ୱାଧୀନତା ସଂଗ୍ରାମର ଅନେକ କାହାଣୀର ମୁକସାକ୍ଷୀ ଏହି ବିମାନ। ତେଣୁ ଏଭଳି ଏକ ସ୍ମୃତି ବିଜଡ଼ିତ ସ୍ମାରକୀ ଆମ ରାଜ୍ୟକୁ ଫେରି ଆସିବାରେ ସମସ୍ତଙ୍କ ଭିତରେ ଏକ ଖୁସିର ଲହରି ଖେଳିଯାଇଛି। ଯୁବ ବର୍ଗ ଏବଂ ବିଶେଷକରି ସ୍କୁଲ ଛାତ୍ରଛାତ୍ରୀଙ୍କ ଭିତରେ ଏ ବିମାନ ଏବଂ ବିଜୁବାବୁଙ୍କ ଦୁଃସାହସିକ କାହାଣୀକୁ ନେଇ ଉତ୍ସାହ ବଢ଼ିଛି। ଖଣ୍ଡ ଖଣ୍ଡ ହୋଇ ଆସିଥିବା ଏ ବିମାନଟିକୁ ପୁଣିଥରେ ଯୋଡ଼ା ଯାଇ ଭୁବନେଶ୍ୱର ବିମାନ ବନ୍ଦରର ଟର୍ମିନାଲ-୧ ସମ୍ମୁଖରେ ସର୍ବସାଧାରଣଙ୍କ ପ୍ରଦର୍ଶନ ପାଇଁ ରଖାଯିବ। ଏଥିପାଇଁ ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କୁ ୧.୧ ଏକର ଜମି ଯୋଗାଇ ଦେଇଛନ୍ତି। ଏଠାରେ ନୂଆ ରୂପରେ ଦେଖିବାକୁ ମିଳିବ ଡାକୋଟା ବିମାନକୁ। ଆସନ୍ତା ୫ ତାରିଖରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଲୋକାର୍ପଣ କରିବେ ବୋଲି ଜଣାଯାଇଛି।

ଏ ଅବସରରେ ସରକାରଙ୍କୁ ଏକ ପରାମର୍ଶ - ଆଗାମୀ ପିଢ଼ିଙ୍କୁ ଉଦବୁଦ୍ଧ କରିବା ପାଇଁ ବିଜୁବାବୁଙ୍କ ପାଇଲଟ ଜୀବନ ଏବଂ ସ୍ୱାଧୀନତା ସଂଗ୍ରାମରେ ଡାକୋଟାର ସହଯୋଗ ସମ୍ପର୍କିତ ଏକ ପ୍ରାମାଣିକ ଚଳଚ୍ଚିତ୍ର ଯଦି କରାଯାଇ ପାରନ୍ତା ଏହା ଛାତ୍ରଛାତ୍ରୀଙ୍କ ପାଇଁ ଅଧିକ ଉପାଦେୟ ହୋଇପାରନ୍ତା। ୧୯୩୦ ଦଶକରେ ଓଡ଼ିଶାର ଜଣେ ଯୁବକ ରେଭେନ୍ସା ମହାବିଦ୍ୟାଳୟରେ ବିଏସସି ପଢୁଥିବା ବେଳେ ପାଇଲଟ ହେବାର ଆଗ୍ରହରେ ପାଠପଢ଼ା ଛାଡ଼ି ୧୯୩୬ ମସିହାରେ ପାଲଇଟ ଟ୍ରେନିଂ ନେଇ ଇଂରେଜ ସରକାରଙ୍କ ଇଣ୍ଡିଆନ ନ୍ୟାସନାଲ ଏୟାର ୱେଜରେ ପାଇଲଟ ରୂପେ ଯୋଗଦେବା ଏକ କାହାଣୀ ଭଳି ଲାଗିପାରେ ଆଜିର ଯୁବପିଢ଼ିଙ୍କୁ। ତେଣୁ ଏସବୁ ସ୍ମୃତି ଏବଂ ତଥ୍ୟକୁ ସାଇତି ରଖିବା ପାଇଁ ଡାକୋଟା ବିମାନ ଭିତରେ ବସି ଦର୍ଶକ ଦେଖିପାରନ୍ତେ ଏହା ଏକ ଅନନ୍ୟ ଅନୁଭବ ହୋଇପାରନ୍ତା ସେମାନଙ୍କ ପାଇଁ। ସରକାର ଏ ଦିଗରେ ଚିନ୍ତା କରିବେ ବୋଲି ଆଶା।

ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ, ଦୂରଭାଷ : ୯୭୭୮୬୩୫୯୨୬




# ସେଂଟ ଜାଭିୟର ଉଚ୍ଚ ବିଦ୍ୟାଳୟର ନବମ ବାର୍ଷିକ ଉତ୍ସବ

ଜୟପୁର, (ପି.ଏନ): ଜୟପୁର ଲିଙ୍ଗରାଜ ନଗରସ୍ଥିତ ସେଂଟ ଜାଭିୟର ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ୯ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷା ମୋନାଲିସା ନନ୍ଦଙ୍କ ଅଧକ୍ଷତାରେ ଆୟୋଜିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ବେଦବର ପ୍ରଧାନ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଏସଡିପିଓ ଅଭିନବ ଶଙ୍କର, ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, ଆସିଷ୍ଟାଂଟ କଲେକ୍ଟର ଚିତ ରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଅଧକ୍ଷା ମୋନାଲିସା ନନ୍ଦ ବାର୍ଷିକ ବିବରଣୀ ପାଠ କରିବା ପରେ ଅନ୍ୟ ଅତିଥି ମାନେ ପରିଶ୍ରମ ହିଁ ସଫଳତାର ଚାବିକାଠି ବୋଲି କହିବା ସହ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ବାହିନିପତି ଯୋଗଦେଇ ଶିକ୍ଷା ଅର୍ଜନରେ ଶୃଙ୍ଖଳା ନିହାତି ଆବଶ୍ୟକ ବୋଲି କହିଥିଲେ । ଛାତ୍ର ଜୀବନରେ କୃତିତ୍ୱ ଅର୍ଜନ କରିବାକୁ ହେଲେ ଶୃଙ୍ଖଳା ଜ୍ଞାନ ନିହାତି ଜରୁରୀ ବୋଲି ସେ କହିଥିଲେ । ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଟେଲେଂଟ ହଂଟ ପ୍ରତିଯୋଗୀତାରେ ତ୍ରିଶା ଜେନା, ସୁଗେସନା ଦତ, ଆଶୁତୋଷ ମହାପାତ୍ର, ତାରିଣୀପ୍ରସାଦ ସାହୁ, ଦେବାଶିଷ ମହାନ୍ତି, ରୁଦ୍ରାନ୍ସ ସାହୁ ଏବଂ ବିଗ୍ୟାନ ପ୍ରଦର୍ଶନୀରେ ଯୋଗ୍ୟ ବିବେଚିତ ହୋଇଥିବା ପ୍ରକଳ୍ପ ଗୁଡିକ ମଧ୍ୟରେ ସୁଲଗ୍ନା ଏବଂ ଶ୍ରଦ୍ଧା, ଆକାଂକ୍ଷା ଓ ସୁଦିକ୍ଷା, ସଞ୍ଜନା ପାତ୍ର, ଶ୍ରୀୟାଂଶ ପାଢୀ, ସ୍ମିତିକା ପ୍ରିତଲ ପାତ୍ର ଏବଂ ବରିଷ୍ଠ ବିଭାଗରେ କ୍ରିଭି ନନ୍ଦ, ସୁଗେସନା ଦତ, ଶ୍ରୀୟା, ପ୍ରଗ୍ୟା, ସନ୍ତୋଷୀ, ବୈଦି, ଅନିଲ, କାଂଚନ, ହର୍ଷ ଲେଙ୍କା, ସିଦିକ୍ଷା ଓ ପ୍ରାଚୀଙ୍କ ପ୍ରକଳ୍ପକୁ ଚୟନ କରାଯାଇ ପୁରସ୍କାର ବିତରଣ କରାଯାଇଥିଲା ।ଶେଷରେ ବିଦ୍ୟାଳୟର ନିର୍ଦ୍ଦେଶକ ସତିଶ କୁମାର ନନ୍ଦ ଓ ତରୁଣ କୁମାର ମହାପାତ୍ର ବିଦ୍ୟାଳୟ ବିଷୟରେ ଆଲୋକପାତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜାତୀୟ ଜୁନିଅର ଟାଇକୋଣ୍ଡ ପ୍ରତିଯୋଗିତାରେ ଅପୂର୍ବା ଆର୍ଯ୍ୟାଙ୍କୁ ସ୍ୱର୍ଣ୍ଣ ପଦକ

କନ୍ଧମାଳ, (ପି.ଏନ): ଉତ୍ତରପ୍ରଦେଶ ବରେଲି ଠାରେ ୩୯ ତମ ଜାତୀୟ ଜୁନିଅର ଟାଇକୋଣ୍ଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସେଥିରେ ଓଡିଶା ରାଜ୍ୟ ଟାଇକୋଣ୍ଡ ସଂଘ ପୁରୀ ତରଫରୁ କନ୍ଧମାଳ ଜିଲ୍ଲା ଫୁଲବାଣୀର ପ୍ରଥମ ଥର ପାଇଁ ବାଳିକା ବିଭାଗରେ ଅପୂର୍ବା ଆର୍ଯ୍ୟା ଓଭର ଓଜନ କାଟାଗୋରି ୪ ଜଣଙ୍କ ସାଙ୍ଗରେ ଲଢ଼ି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି, ଏହା କନ୍ଧମାଳ ଜିଲ୍ଲା ପାଇଁ ଇତିହାସ ହୋଇ ରହିବ, କାରଣ ଦୀର୍ଘ ୨୨ ବର୍ଷ ଧରି ଜାତୀୟ ଟାଇକୋଣ୍ଡ ପ୍ରତିଯୋଗିତାରେ କେହି ବି ପିଲାମାନେ ସ୍ୱର୍ଣ ପାଇନଥିଲେ। ଏହି ଖବର ସମଗ୍ର ଜିଲ୍ଲାରେ ପ୍ରଚାରିତ ହେବାପରେ ଜିଲ୍ଲା ସଙ୍ଘର କ୍ରୀଡ଼ାବିତ ମାନେ ଉତ୍ସାହ ପ୍ରକାଶ କରିଛନ୍ତି ଏବଂ ଅଭିଭାବକ ମାନେ ଶୁଭେଚ୍ଛା ଜଣାଇ ଛନ୍ତି ।କନ୍ଧମାଳ ଜିଲ୍ଲା ଟାଇକୋଣ୍ଡ ସଂଘର କୋଚ ରମାକାନ୍ତ ବେହେରା କୋଚ ପ୍ରତିମ ଚନ୍ଦ୍ର ପ୍ରଧାନ ଓ ମଦନ ଦଳବେହେରା ଏବଂ ଖାସ କରି ଜିଲ୍ଲା ସଂଘର ସଭାପତି ପ୍ରତାପ କୁମାର ମୁଖୀ ଓ ସମ୍ପାଦକ ପ୍ରଭାତ କୁମାର ସାହୁ ଧନ୍ୟବାଦ ସହ ଶୁଭେଚ୍ଛା ଜଣାଇଛନ୍ତି।

# ନର୍ସରୀ ବଧିର ବିଦ୍ୟାଳୟକୁ ସାହାଯ୍ୟର ହାତ ବଢାଇଲା କାନାରା ବ୍ୟାଙ୍କ



ଭୁବନେଶ୍ୱର,(ପି.ଏ): ଓଡିଶା ବଧିର ସଂଘ ଦ୍ୱାରା ପରିଚାଳିତ ନର୍ସରୀ ବଧିର ବିଦ୍ୟାଳୟ ଫନି ବାତ୍ୟା ଦ୍ୱାରା ପ୍ରଭାବିତ ହୋଇ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଜରାଜୀର୍ଣ୍ଣ ଅବସ୍ଥାରେ ପଡିଥିଲା । ଦୀର୍ଘଦିନରୁ ଭାଙ୍ଗି ରହିଥିବା ଏହି ଛାତ୍ରାବାସ ଗୃହଟିକୁ ପୋଖରୀପୁଟରେ ଥିବା କାନରା ବ୍ୟାଙ୍କ ମୁଖ୍ୟଶାଖାର ସହାୟତାରେ ନୂତନ ଭାବେ ନିର୍ମାଣ କରାଯାଇଛି । କାନରା ବ୍ୟାଙ୍କର ମୁଖ୍ୟ ତଥା ଜି.ଏମ୍ ବି.ଏଲ୍. ମିନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଡି.ଜି.ଏମ୍ ଜି.ଏନ୍ ମୂର୍ତୀ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଏହି ଛାତ୍ରାବାସ ଗୃହଟିକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିନିୟର ମ୍ୟାନେଜର ଶ୍ରୀକାନ୍ତ ପଣ୍ଡା, ଅଫିସର ସୁମିତ୍ ଜୀ, କନ୍‌ଟ୍ରାକ୍ଟର ସତ୍ୟଜିତ୍ ମିଶ୍ର , ଓଡିଶା ବଧିର ସଂଘର ପ୍ରତିଷ୍ଠାତା ବିଜୟ ପରିଡା, ସଭାପତି ଶିବନାରାୟଣ ବହିରଦାର୍, କୋଷାଧକ୍ଷ ଜିତେନ୍ଦ୍ର ନନ୍ଦ, ରାଜେଶ ନାଏକ, ଶରତ ସାମନ୍ତରାୟ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତଥିଲେ ।

# ବିଜେପି ପକ୍ଷରୁ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ସ୍ତରୀୟ ବୈଠକ

ମାଲକାନଗିରି, (ପି.ଏନ): ଖଇରପୁଟ ବ୍ଲକ ଅନ୍ତର୍ଗତ ପରକନମାଳା ପଂଚାୟତର ସିରିପେଟା ଜଗନ୍ନାଥ ମନ୍ଦିର ଠାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ସ୍ତରୀୟ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆଗାମୀ ଦିନରେ ହେବାକୁଥିବା ସାଧାରଣ ନିର୍ବାଚନକୁ ନେଇ ଆଲୋଚନା କରାଯାଇଥିଲା ।ଏହି ବୈଠକରେ ନବରଙ୍ଗପୁର ଲୋକସଭା ବିସ୍ତାରକ ଶିବ ପ୍ରସାଦ ଶତପଥୀ , ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ପ୍ରଭାରୀ ନବଘନ ଲୋକେଇ, ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ସଂଯୋଜକ କୁସ ଟାଟି, ରାଜ୍ୟ ଅନୁସୂଚିତ ଜନଜାତି ମୋର୍ଚ୍ଚାର ସମ୍ପାଦକ ଜଳନ୍ଧର ନାୟକ, ପୂର୍ବତନ ବିଧାୟକ ପାର୍ଥୀ ପଦୁ ମାଝି, ଜିଲ୍ଲା ଅନୁସୂଚିତ ଜନଜାତି ମୋର୍ଚ୍ଚାର ସଭାପତି ବନମାଳି ବରଜା, ଜିଲ୍ଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ବେହେରା, ଜିଲ୍ଲା ଅନୁସୂଚିତ ଜନଜାତି ମୋର୍ଚ୍ଚାର ସାଧାରଣ ସମ୍ପାଦକ ସହଦେବ ଶିଶା, ଖଇରପୁଟ ମଣ୍ଡଳ ସଭାପତି ବିଦ୍ୟାଧର ସାହାଣୀ, ଚିତ୍ରକୋଣ୍ଡା ମଣ୍ଡଳ ସଭାପତି ହେମନ୍ତ ଶଗଡ଼ିଆ, କିଆଙ୍ଗ ମଣ୍ଡଳ ସଭାପତି ବସନ୍ତ ମାଢି, ମାଥିଲି ମଣ୍ଡଳ ସଭାପତି ଆର ସତ୍ୟନାରାୟଣ ରାଓ, ପାଙ୍ଗାମ ମଣ୍ଡଳ ସଭାପତି ହଳଧର କୋପେ, ଅଜୟ କୁମାର ପଟ୍ଟନାୟକ, ଖଇରପୁଟ ମଣ୍ଡଳ ଓବିସି ସଭାପତି ନୀଳମାଧବ ଭୋଳ, ଖଇରପୁଟ ମଣ୍ଡଳ ଏସି ମୋର୍ଚ୍ଚା ସଭାପତି ଅଶୋକ ଆଦ୍ୟା, ଗଣେଶ ମଣ୍ଡଳ, ଭଗବାନ ଡାକୁଆ, ବାଲରାଜ କଟରୀ, ଜିଲ୍ଲା ଯୁବ ମୋର୍ଚ୍ଚାର କର୍ମୀ ନାରାୟଣ ଖରାଙ୍କ ସହିତ ମଣ୍ଡଳ କମିଟିର ପଦାଧିକାରୀ ଓ ମଣ୍ଡଳର ସମସ୍ତ ମୋର୍ଚ୍ଚା ସଭାପତି ଉପସ୍ଥିତ ଥିଲେ।

# ୱାର୍ଡ ସଭ୍ୟ ଓ ସଭ୍ୟାମାନଙ୍କ ପ୍ରଶିକ୍ଷଣ ଶିବିର

କନ୍ଧମାଳ,(ପି.ଏନ): ଫୁଲବାଣୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ଜିଲ୍ଲା ପରିଷଦ କନ୍ଧମାଳଙ୍କ ମିଳିତ ସହଯୋଗ ଓ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଏବଂ ପଂଚାୟତି ରାଜ ବିଭାଗ ଓଡ଼ିଶାଙ୍କ ସହାୟତାରେ ଏବଂ ଜିଲ୍ଲା ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପରିଚାଳକ ମନୋଜ କୁମାର ପ୍ରଧାନଙ୍କ ତତ୍ୱାବଧାନରେ ବନ୍ଧଗଡ଼ ଠାରେ ଥିବା ତାଲିମ୍ କେନ୍ଦ୍ରରେ(୩୦ ଜାନୁଆରୀରୁ ୦୧ ଫେବୃଆରୀ) ତିନଦିନିଆ ୱାର୍ଡ ସଭ୍ୟ ଓ ସଭ୍ୟାମାନଙ୍କ ପ୍ରଶିକ୍ଷଣ ତାଲିମ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱର୍ଗତ ନବ କିଶୋର ଦାସଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ କରାଯାଇଥିଲା, ଏହି ସଭାରେ ଶଶ୍ମିତା କହଁର, ଫୁଲବାଣୀ ପଂଚାୟତ ସମିତ ଅଧକ୍ଷା, ପ୍ରତାପ ଚନ୍ଦ୍ର କହଁର, ସରପଂଚ, ଗୁମାଗଡ଼ ଓ ସ୍ୱାତୀର କାର୍ଯ୍ୟ ପରିଚାଳକ ବିଶ୍ୱରଞ୍ଜନ କହଁର ଯୋଗଦେଇଥିବା ସ୍ଥଳେ, ଆସିଥିବା ଅଂଶଗ୍ରହଣ କାରି ପଂଚାୟତିରାଜ ପ୍ରତିନିଧିମାନେ ସଭାରେ ଯୋଗଦେଇଥିଲେ। ଏହି ତାଲିମର ମୂଖ୍ୟ ଉଦେଶ୍ୟ ଶସକ୍ତ ଓ ମୋ ସ୍ୱପ୍ନର ପଂଚାୟତ ଗଢ଼ିବା ପାଇଁ ଗ୍ରାମ ପଂଚାୟତ ସହ ମିଶି, ଗ୍ରାମ ସ୍ତରରୁ ଏକ ସଠିକ ଯୋଜନା ପ୍ରସ୍ତୁତ କରି ଜନସାଧାରଣଙ୍କ ପାଖରେ ସୁବିଧା ସୁଯୋଗ ପହଂଚାଇବା। ଅନୁଷ୍ଠାନର ସଂପାଦକ ଇଂ. ହରିଶଙ୍କର ରାଉତ ପ୍ରଶିକ୍ଷଣର ରୂପରେଖ ପ୍ରତି ଆନ୍ତରିକତା ସହ ଯୋଡ଼ି ରହିବା ପାଇଁ ଜନପ୍ରତିନିଧିମାନଙ୍କ ସହଯୋଗ ଲୋଡ଼ିଥିଲେ। ଏହି ପ୍ରଶିକ୍ଷଣରୁ କିଛି ଅନୁଭୁତି ନେଇ ଗ୍ରାମପଂଚାୟତକୁ ଏକ ସ୍ୱଚ୍ଛ ଓ ସୁନ୍ଦର କରିଗଢ଼ିତୋଳିବା ପାଇଁ ଆଜିଠାରୁ ଚେଷ୍ଟା କରିବାକୁ ଅନୁରୋଧ କରିଥିଲେ। ଉକ୍ତ ତାଲିମ୍ କାର୍ଯ୍ୟକ୍ରମରେ ଫୁଲବାଣୀର ୩ ଗୋଟି ପଂଚାୟତ ଯଥା ଗୁଞ୍ଜିବାଡି, ବିଶିପଡ଼ା ଓ ଆଲାମି ଓ ବାଦ ପଡ଼ିଥିବା ସଭ୍ୟ ସଭ୍ୟାଙ୍କୁ ମିଶାଇ ୪୩ରୁ ଉର୍ଦ୍ଧ୍ୱ ୱାର୍ଡ଼ ସଭ୍ୟ ଓ ସଭ୍ୟାମାନେ ଉପସ୍ଥିତ ହୋଇଥିବାବେଳେ ତାଲିମଦାତା ଭାବେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଦ୍ୱାରା ତାଲିମ ପ୍ରାପ୍ତ ମନୋଜ କୁମାର ପଟ୍ଟନାୟକ ଓ କୈଳାଶ ଚନ୍ଦ୍ର ପାଢ଼ି ଯୋଗ ଦେଇଥିଲେ। ଆଜି ପର୍ଯ୍ୟନ୍ତ ଫିରିଙ୍ଗିଆ, ଫୁଲବାଣୀ ଓ ଖଜୁରିପଡ଼ା ପଂଚାୟତ ସମିତିର ୪୯ ଗୋଟି ପଂଚାୟତରୁ ୩୫ ଗୋଟି ପଂଚାୟତର ସମସ୍ତ ୱାର୍ଡ଼ମେମ୍ବର ପ୍ରଶିକ୍ଷଣ ଦିଆ ସରିଥିବାବେଳେ, ପର୍ଯ୍ୟାୟ କ୍ରମେ ଏହି ଖଜୁରିପଡ଼ା ବ୍ଲକର ୧୪ ଗୋଟି ପଂଚାୟତର ସଭ୍ୟ ଓ ସଭ୍ୟାଙ୍କୁ ଆଗାମି ଫେବୃଆରି ମାସ ପ୍ରଶିକ୍ଷଣ ଦବାର ଯୋଜନା କରାଯାଇଛି ବୋଲି ସ୍ୱାତୀର ବରିଷ୍ଠ କର୍ମୀ ବିଶ୍ୱରଞ୍ଜନ କର କହିଥିଲେ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ। ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଲା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ନେହେରୁ ଯୁବକେନ୍ଦ୍ର ପକ୍ଷରୁ ବକ୍ତୃତା ପ୍ରତିଯୋଗୀତା କାର୍ଯ୍ୟକର୍ମ

କନ୍ଧମାଳ, (ପି.ଏନ): ଫୁଲବାଣୀ ନେହେରୁ ଯୁବକେନ୍ଦ୍ର ଫୁଲବାଣୀ ତରଫରୁ ଜିଲ୍ଲା ଯୁବ ସଂସଦ କାର୍ଯ୍ୟକ୍ରମ ରବିବାର ଦିନ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକର୍ମ ନେହେରୁ ଯୁବକେନ୍ଦ୍ର ଫୁଲବାଣୀର ଜିଲ୍ଲା ଯୁବ ଅଧିକାରୀ ନଭନିତ କୁମାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଗୋଳ, ବାଲେଶ୍ୱର, ଭଦ୍ରକ ଏଣ୍ଡ ମୟୂରଭଞ୍ଜର ପ୍ରତିଯୋଗୀମାନେ ଭାଗ ନେଇଥିଲା। ପ୍ରତ୍ୟେକ ଜିଲ୍ଲାରୁ ଦଶଜଣ ଲେଖାଁ ପ୍ରତିଯୋଗୀ ଭାଗ ନେଇଥିଲା। ବିଚାରକ ଭାବରେ ବିଜୟକୃଷ୍ଣ ପଟ୍ଟନାୟକ, ଅରୂପ ଜେନା, ଅନନ୍ତ ଚରଣ ମିଶ୍ର, ପ୍ରଶନ୍ନ ବିଶୋଇ, ମନୋଜ କୁମାର ପଟ୍ଟନାୟକ ରହି ପ୍ରତିଯୋଗୀମାନଙ୍କୁ ଚୟନ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଭାଗନେବେ ବୋଲି ନେହେରୁ ଯୁବକେନ୍ଦ୍ର ଫୁଲବାଣୀର ଜିଲ୍ଲା ଯୁବ ଅଧିକାରୀ ଅବଗତ କରିଥିଲେ। ଫୁଲବାଣୀର ପ୍ରତିଯୋଗୀମାନଙ୍କୁ କଳାହାଣ୍ଡି ଜିଲ୍ଲାର ନେହେରୁ ଯୁବକେନ୍ଦ୍ର ଆୟୋଜନ କରିବ। ବୈଠକର ନେହେରୁ ଯୁବକେନ୍ଦ୍ର ଫୁଲବାଣୀର ଜିଲ୍ଲା ଯୁବ ଅଧିକାରୀ ସ୍ୱାଗତ କରିଥିବାବେଳେ ସହକର୍ମୀ ସତ୍ୟବାନ୍ ଦଳବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ମୃତ୍ତିକା ସଂରକ୍ଷଣ ପର୍ଯ୍ୟବେକ୍ଷକ ଧନୁର୍ଜୟ ଧୋବାଙ୍କୁ ଗିରଫ କଲା ଭିଜିଲାନ୍ସ

ଭବାନୀପାଟଣା, (ପି.ଏନ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ମୃର୍ତିକା ସଂରକ୍ଷଣ ପର୍ଯ୍ୟବେକ୍ଷକ ଧନୁର୍ଜୟ ଧୋବାଙ୍କୁ ଆଜି ଗିରଫ କରିଛି ଭିଜିଲାନ୍ସ। ଅଭିଯୋଗକାରୀଙ୍କ (ହିତାଧିକାରୀ)ଙ୍କୁ ୩୫ ହଜାର ଟଙ୍କା ଲାଂଚ ମାଗିବା ଏବଂ ଗ୍ରହଣ କରିବା ପାଇଁ ଏମଜିଏନଆରଇଜିଏସ ଅଧୀନରେ ଥିବା ଅନ୍ୟ ହିତାଧିକାରୀଙ୍କ ନିକଟରେ ପେମେଂଟ ମୁକ୍ତ କରିବା ପାଇଁ ଦଲିଲଗୁଡ଼ିକୁ ପ୍ରକ୍ରିୟାକରଣ ପାଇଁ ଗ୍ରହଣ କରାଯାଇଛି। ଅଭିଯୁକ୍ତ ଶ୍ରୀ ଧୋବାଙ୍କ ନିକଟରୁ ସମ୍ପୁର୍ଣ୍ଣ ଲାଂଚ ଟଙ୍କା ଜବତ କରାଯାଇଛି। ଘଟଣା ପରେ ଶ୍ରୀ ଧୋବାଙ୍କ ଦୁଇଟି ସ୍ଥାନରେ ଏକକାଳୀନ ଚଢଉ ଚାଲିଛି। ଏ ସଂକ୍ରାନ୍ତରେ କୋରାପୁଟ ଭିଜିଲାନ୍ସ ପି.ଏସ୍. କେସ୍ ନଂ ୦୬/୨୩ରେ ଏକ ମାମଲା ରୁଜୁ ହୋଇଛି ।ଶ୍ରୀ ଧୋବାଙ୍କ ବିରୋଧରେ ସଂଶୋଧନ ଅଧିନିୟମ, ୨୦୧୮ ପଞ୍ଜିକୃତ ହୋଇଛି। ଶ୍ରୀ ଧୋବାଙ୍କ ବିରୋଧରେ ତଦନ୍ତ ଚାଲିଛି।

# କଲିକତାର ବ୍ୟାଙ୍କରର୍ସ ଗ୍ରାମୀଣ ବିକାଶ ସଂସ୍ଥାନ ତରଫରୁ ତାଲିମ ପ୍ରଦାନ

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡ଼ାରେ ବ୍ୟାଙ୍କରର୍ସ ଗ୍ରାମୀଣ ବିକାଶ ସଂସ୍ଥାନ କଲିକତା ପକ୍ଷରୁ ଏକ ତିନିଦିନିଆ ତାଲିମ କର୍ମଶାଳା ନୂଆ ବସଷ୍ଟାଣ୍ଡ ଠାରେ ଅନୁଷ୍ଠିତ ହୋଇଯାଇଛି । ନାବାର୍ଡ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ନାବାର୍ଡ ଅଧିକାରୀ ଅଶୋକ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ପୋଗ୍ରାମ ନିର୍ଦ୍ଦେଶକ ଶ୍ରୀମତୀ ଭାବନା ପାଲ କଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ସୂର୍ଯ୍ୟ ନାରାୟଣ ମିଶ୍ର, ଆତମାର ସହକାରୀ ନିର୍ଦ୍ଦେଶକ ମନୋରଞ୍ଜନ ରାଉଳ ପ୍ରମୁଖ ଯୋଗ ଦେଇ କୃଷକ ଉତ୍ପାଦନ କମ୍ପାନୀର ମୁଖ୍ୟ ନିର୍ବାହୀ ଅଧିକାରୀ ନିର୍ଦ୍ଦେଶକ ମଣ୍ଡଳ ମାନଙ୍କୁ ସମ୍ମନିତ କୃଷି ସମ୍ବନ୍ଧରେ ତାଲିମ ପ୍ରଦାନ କରିଥିଲେ ।

# ଖଜୁରିପଡ଼ାର ୧୪ଟି ଗ୍ରାମସଭା ବାତିଲ୍ ନିଷ୍ପତି ନେଲେ ସରପଂଚ ସଂଘ

କନ୍ଧମାଳ, (ପି.ଏନ): ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ୧୪ ଗୋଟି ଗ୍ରାମ ପଂଚାୟତର ସମସ୍ତ ସରପଂଚ ଆଜି ଖଜୁରୀପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପମା ଘୋଷଙ୍କୁ ସାକ୍ଷାତ କରିବା ସହ ଗ୍ରାମସଭା ବାତିଲ୍ ନିଷ୍ପତିକୁ ଲିଖିତ ଭାବେ ପ୍ରଦାନ କରିଛନ୍ତି। ଦାବିପତ୍ରର ଅଭିଯୋଗ ପ୍ରକାରେ କେନ୍ଦ୍ର ସରକାର ପ୍ରଦାନ କରିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଯେଉଁସବୁ ମାନଦଣ୍ଡ ରହିଛି ଏବଂ ଯେଉଁ ଢଙ୍ଗରେ ଯୋଗ୍ୟ ଅଯୋଗ୍ୟ ହିତାଧିକାରୀ ଚୟନ ଚାଲିଛି ସେଥିରେ ପଂଚାୟତ ଜନପ୍ରତିନିଧି ଭାବେ ସରପଂଚମାନଙ୍କୁ କୌଣସି ସୂଚନା ପ୍ରଦାନ କରାଗଲା ନାହିଁ। କିନ୍ତୁ ଅଭିଯୋଗ କରିବାକୁ ଅନ୍‌ଲାଇନ ଏବଂ ଅଫ୍‌ଲାଇନ ବାକ୍ସ ବ୍ୟବସ୍ଥା ପରେ ଅଭିଯୋଗ ହୋଇଥିବା ହିତାଧିକାରୀମାନଙ୍କୁ ସରକାରୀ ଭାବେ ପୁନର୍ବାର ଫଟୋ ଉଠିବା ପରେ ସେମାନେ ସରପଂଚମାନଙ୍କୁ ଅଭିଯୋଗ କରୁଛନ୍ତି। ଯେହେତୁ ଆମେ ଜନସାଧାରଣଙ୍କ ପାଇଁ ନିର୍ବାଚିତ ହୋଇଛୁ ତେଣୁ ଜନସାଧାରଣ ମଧ ଆମମାନଙ୍କୁ ରାସ୍ତା ଘାଟରେ ଜବାବ ମାଗୁଛନ୍ତି ବୋଲି କହିଥିଲେ ସରପଂଚ ସଂଘ। ତେଣୁ ଆବାସ ଯୋଜନାର ଘର ବଂଟନ ଏବଂ ଚୟନ ସରପଂଚମାନଙ୍କ ଜାଣତରେ କରାଯାଉ ବୋଲି ସଂଘ ତରଫରୁ କହିଛନ୍ତି। ସେହିଭଳି ହିତାଧିକାରୀ ଚୟନ ଅବଧିକୁ ବଢ଼ାଯାଇ ଯେଉଁମାନଙ୍କ ଅଭିଯୋଗ ଆସିଛି ସେମାନଙ୍କୁ ସରପଂଚଙ୍କ ଗୋଚରରେ ତଦନ୍ତ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଆଜି ଏବଂ ଆସନ୍ତାକାଲି ଗ୍ରାମସଭା ପାଇଁ ସ୍ଥିର ହୋଇଥିବାବେଳେ ଯେହେତୁ ଆବାସ ଯୋଜନାର ଘର ବଂଟନ ସରପଂଚମାନଙ୍କ ଅଗୋଚରରେ ହୋଇଛି ତେଣୁ ଖଜୁରୀପଡ଼ା ବ୍ଲକରେ ଗ୍ରାମସଭା ବାତିଲ୍ ନିଷ୍ପତି ଗ୍ରହଣ କରିଛୁ ବୋଲି ଲିଖିତ ଅଭିଯୋଗ ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପମା ଘୋଷ ସମସ୍ତ ସରପଂଚମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସରକାରୀ ନିୟମଗୁଡ଼ିକ ବୁଝାଇବା ସହ ଗ୍ରାମସଭା ନିଶ୍ଚିତ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ। ଦାବିପତ୍ର ପ୍ରଦାନ ବେଳେ ସରପଂଚ ସଂଜୀବ ଲୋଚନ ପ୍ରଧାନ, ବ୍ରଜମୋହନ ମଲିକ, ଅମ୍ବିକା ପ୍ରଧାନ, ମନୋରଂଜନୀ ଯାନୀ, ଦଶରଥ ଯାନୀ, ରବିନ୍ଦ୍ର ଭୁକ୍ତା, ସୁଜିତ ମଲିକ, ଉମାଚରଣ ମଲିକ, ଜାନକୀ ଯାନୀ, ଲକ୍ଷ୍ମୀ ପ୍ରଧାନ, ସ୍ୱର୍ଣ୍ଣଲତା କହଁର, ଭାଗ୍ୟବତୀ ଦେହୁରୀ, ଦମୟନ୍ତୀ ମଲିକ, ପଦ୍ମିନି ମଲିକ, ସମିତି ସଭ୍ୟ ଶୁକଦେବ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।




## ମେଲୋରା ପକ୍ଷରୁ ନୂତନ ଦି ଭାଲେଣ୍ଟାଇନ କଲେକସନ ଉନ୍ମୋଚିତ

**ନୂଆଦିଲ୍ଲୀ:** ଭାଲେଟାଂଇନ୍ସ ଦିବସ ଅବସରରେ ଦମ୍ପତିମାନେ ପରସ୍ପର ପ୍ରତି ନିଜର ପ୍ରେମ ଏବଂ ସ୍ନେହ ବ୍ୟକ୍ତ କରିବାର ସର୍ବୋତମ ଉପାୟ ହେଉଛି ଉପହାର, ଏହି ଉତ୍ସବର ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ବହୁମୂଲ୍ୟ ଅଂଶ ଅଟେ । ଆପଣଙ୍କର ସାଥୀ ପାଇଁ ଉପଯୁକ୍ତ ଉପହାର ବାଛିବାରେ ଆପଣଙ୍କୁ ସାହାଯ୍ୟ କରିବା ପାଇଁ ଭାରତର ଅନ୍ୟ ଦ୍ରୁତତମ ବୃଦ୍ଧି ପାଉଥିବା ଡି୨ସି ବ୍ରାଣ୍ଡ, ମେଲୋରା ଏହାର ସର୍ବଶେଷ ଅଳଙ୍କାର ସଂଗ୍ରହ ଦି ଭାଲେଟାଂଇନ କଲେକସନ ସହିତ ଉପସ୍ଥିତ ହୋଇଛି ।

୧୬୦୦୦ରୁ ଅଧିକ ଡିଜାଇନ ସହିତ ମେଲୋରାରେ ଉପହାର ପାଇଁ ଉପଯୁକ୍ତ ସୁଲଭ ମୂଲ୍ୟର ସୂକ୍ଷ୍ମ ଅଳଙ୍କାର ଡିଜାଇନର ଏକ ବୃହତ ସଂଗ୍ରହ ଅଛି । ନିକଟରେ ମେଲୋରା ପୁରୁଷ ସଂଗ୍ରହ ମଧ୍ୟ ଆରମ୍ଭ କରିଛି । ଏହି ଅଭିଯାନ ମୁଖ୍ୟତଃ ୨୫ରୁ ୪୦ ବର୍ଷ ବୟସର ପୁରୁଷ ଏବଂ ମହିଳାଙ୍କୁ ଲକ୍ଷ୍ୟରେ ରଖାଯାଇଛି ଏବଂ ୩୦୦୦ ଟଙ୍କାରୁ ଆରମ୍ଭ ହୋଇଥିବା ଅଳଙ୍କାର ଏଥିରେ ସ୍ଥାନ ପାଇଛି । ଏହି ବ୍ରାଣ୍ଡ ସମଗ୍ର ଭାରତରେ ୨୬୦୦୦ରୁ ଅଧିକ ପିନ କୋଡରେ ଏହାର ଉତ୍ପାଦ ବିତରଣ କରି୧୦୦୦୦ରୁ ଗ୍ରାମରୁ ଆରମ୍ଭ କରି ୧ ମିଲିୟନରୁ ଅଧିକ ସିଟି ପର୍ଯ୍ୟନ୍ତ ସବୁଠାରେ ନିଜର ପରିଚୟ ସୃଷ୍ଟି କରିଛି । ମହିଳାମାନେ ମଧ୍ୟ ବିଚାରଶୀଳ ଉପହାର ସହିତ ନିଜ ସାଥୀଙ୍କୁ ଆଶ୍ଚର୍ଯ୍ୟଚକିତ କରି ପାରିବେ ବୋଲି ବର୍ତା ବହନ କରୁଥିବା ଏକ ଡିଜିଟାଲ ବିଜ୍ଞାପନ ଅଭିଯାନ ପାଟନର ଇନ ସକସେସ୍ ମଧ୍ୟ ବ୍ରାଣ୍ଡ ଆରମ୍ଭ କରିଛି । ଏହି ଉନ୍ମୋଚନ ଉତ୍ସବରେ ପ୍ରତିଷ୍ଠାତା ତଥା ସିଇଓ ସରୋଜା ୟେରାମିଲି କହିଥିଲେ, "ଯୋଡିମାନେ ସେମାନଙ୍କ ପ୍ରେମ ଏବଂ ସହଭାଗିତା ପାଳନ କରିବା ସହିତ ଭାଲେଟାଂଇନ୍ସ ଦିବସ ଭାରତରେ ଅଧିକରୁ ଅଧିକ ଲୋକପ୍ରିୟ ହୋଇଛି । ସମ୍ପର୍କ ବିକଶିତ ହୋଇଥାଏ, ଏବଂ ସାହଚର୍ଯ୍ୟ ଓ ସମର୍ଥନ ଏକ ସମ୍ପର୍କକୁ ପରିଭାଷିତ କରିଥାଏ ବୋଲି ଆମେ ମେଲୋରା'ରେ ବୁଝିଛୁ ।

## ଖରାପ ପିଚ୍ ପାଇଁ ଲକ୍ଷ୍ନୌ କ୍ୟୁରେଟର ବରଖାସ୍ତ

**ଲକ୍ଷ୍ନୌ:** ଭାରତ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଖେଳା ଯାଇଥିବା ଦ୍ୱିତୀୟ ଟି-୨୦ରେ ପ୍ରସ୍ତୁତ ହୋଇଥିବା ପିଚ୍‌କୁ ନେଇ ସବୁଆଡେ ଚର୍ଚ୍ଚା । ଏହି ମ୍ୟାଚ୍‌ରେ ନ୍ୟୁଜିଲ୍ୟାଣ୍ଡ ମାତ୍ର ୯୯ ରନ କରିଥିବା ବେଳେ ଭାରତ ବହୁତ କଷ୍ଟରେ ଗୋଟିଏ ବଲ ପୂର୍ବରୁ ମ୍ୟାଚ୍‌କୁ ଜିତିଥିଲା । ମ୍ୟାଚ୍ ପରେ ଦୁଇ ଦଳର ଅଧିନାୟକ ପିଚ୍‌କୁ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ । ଏବେ ଖରପା ପିଚ୍ ପ୍ରସ୍ତୁତ କରିବା ଲକ୍ଷ୍ନୌର ଏକନା କ୍ରିକେଟ ଷ୍ଟାଡିୟମର କ୍ୟୁରେଟରଙ୍କୁ ମହଙ୍ଗା ପଡିଛି । କ୍ୟୁରେଟରଙ୍କୁ ତାଙ୍କ ପଦରୁ ବରଖାସ୍ତ କରାଯାଇଛି ।



ଉତ୍ତର ପ୍ରଦେଶ କ୍ରିକେଟ ଆସୋସିଏସନ ପକ୍ଷରୁ କୁହାଯାଇଛି ଯେ ପିଚ୍ କ୍ୟୁରେଟରଙ୍କୁ ତାଙ୍କ ପଦରୁ ହଟାଇ ଦିଆଯାଇଛି । ନୂଆ କ୍ୟୁରେଟର ଭାବେ ସଞ୍ଜୀବ କୁମାର ଅଗ୍ରୱାଲଙ୍କ ନିଯୁକ୍ତି ଦିଆଯାଇଛି । ସେ ଜଣେ ଅଭିଜ୍ଞ କ୍ୟୁରେଟର । ଆସନ୍ତା ଗୋଟିଏ ମାସ ମଧ୍ୟରେ ସବୁ କିଛି ଠିକ୍ ହୋଇଯିବ । ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ପୂର୍ବରୁ ସେଣ୍ଟର ୱିକେଟଗୁଡିକରେ ଅନେକ ଘରୋଇ କ୍ରିକେଟ ଖେଳା ଯାଇଥିଲା । କ୍ୟୁରେଟର ଅନ୍ତର୍ଜାତୀୟ ମ୍ୟାଚ୍ ପାଇଁ ଗୋଟିଏ କିମ୍ବା ଦୁଇଟି ଷ୍ଟ୍ରିପ୍ ଛାଡିବାର ଥିଲା । ଉକ୍ତ ସରଫେସ ଆବଶ୍ୟକ ଠାରୁ ଅଧିକ ବ୍ୟବହାର ହୋଇଛି । ସେହିପରି ଖରାପ ପାଗ ଯୋଗୁ ନୂଆ ୱିକେଟ ପାଇଁ ସମୟ ନଥିଲା । ତେଣୁ ଏପରି ଘଟଣା ଘଟିଲା ବୋଲି ଆସୋସିଏସନ ସଫେଇ ଦେଇଛି ।ଏବେ ନିଯୁକ୍ତି ପାଇଥିବା ଅଗ୍ରୱାଲ ପୂର୍ବରୁ ବାଂଲାଦେଶରେ ପିଚ୍ ପ୍ରସ୍ତୁତ କରୁଥିଲେ । ତାଙ୍କୁ ଗତବର୍ଷ ଅକ୍ଟୋବରରେ କାର୍ଯ୍ୟାନ୍ତର କରାଯାଇଥିଲେ । ଏବେ ତାଙ୍କୁ ହିଁ ସବୁ କିଛି ଠିକ୍ କରିବାକୁ କୁହାଯାଇଛି । ସେ ବିସିସିଆଇର ଭେଟରାନ କ୍ୟୁରେଟର ତାପୋଶ ଚ୍ଟାଟାର୍ଜୀଙ୍କ ସହ ମିଶି କାମ କରିବେ ।

## ପୁମାର ନୂଆ ବ୍ରାଣ୍ଡ୍ ଆମ୍ବାସଡର ହେଲେ କ୍ୟାପ୍‌ଟେନ ହରମନପ୍ରୀତ କୌର

**ନୂଆଦିଲ୍ଲୀ, ୩୧/୦୧:** ସ୍ପୋର୍ଟ୍ସ ବ୍ରାଣ୍ଡ୍ ପୁମା ଇଣ୍ଡିଆର ନୂଆ ଆମ୍ବାସଡର ହେଲେ ହରମନପ୍ରୀତ୍ କୌର । ଭାରତୀୟ ମହିଳା କ୍ରିକେଟ୍ ଟିମ୍ କ୍ୟାପ୍‌ଟେନ ହରମନ ପ୍ରୀତଙ୍କୁ ଏହାର ବ୍ରାଣ୍ଡ ଆମ୍ବାସଡର କରିଛି ପୁମା । ମହିଳାଙ୍କୁ ଏହାର ବ୍ୟବସାୟରେ ଖାସ୍ କରି କ୍ରୀଡ଼ା ବିଭାଗ ଅନ୍ତର୍ଗତ ସାମିଲ୍ କରିବା ପ୍ରତିଶ୍ରୁତି ସହ ବ୍ରାଣ୍ଡ୍ ଏହି ପଦକ୍ଷେପ ନେଇଛି । ନିକଟରେ ବ୍ରାଣ୍ଡ୍ ଏକ ଟିଜର୍ ପୋଷ୍ଟ କରିଥିଲା । ଯେଉଁଥିରେ ଜଣେ କ୍ରିକେଟରେ ଷ୍ଟମ୍ପ୍ ସାମ୍ନାରେ ପୋଜିସନ୍ ନେଉଛନ୍ତି । ତେବେ ୮୦ ପ୍ରତିଶତ ଗ୍ରାହକ ଆମ୍ବାସଡରଙ୍କୁ ଜଣେ ପୁରୁଷ ବୋଲି ଭାବୁଥିଲେ । ''ଏକ ବ୍ରାଣ୍ଡ୍ ଭାବରେ ସବୁବେଳେ ଆମେ ସମୟ ଠାରୁ ଆଗରେ ରହିବା ସହ ମହିଳାଙ୍କୁ ସ୍ପୋର୍ଟ୍ସରେ ସହଯୋଗ କରିବା ତଥା ସଶକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ଏହା ଏକ ବଡ଼ ପଦକ୍ଷେପ'' ବୋଲି କହିଛନ୍ତି ପୁମା ଇଣ୍ଡିଆ ଏବଂ ଦକ୍ଷିଣପୂର୍ବ ଏସିଆର ପରିଚାଳନା ନିର୍ଦ୍ଦେଶକ ଅଭିଷେକ ଗାଙ୍ଗୁଲି । ହରମନପ୍ରୀତ ହେଉଛନ୍ତି ଜଣେ ସ୍ପୋର୍ଟ୍ସ ଆଇକନ୍ ଏବଂ ଏହି ସହଭାଗିତା ସହ ଏହା ଯୁବପୀଢ଼ିକୁ ଉତ୍ସାହିତ କରିବ ଏବଂ ଭାରତୀୟ ମହିଳା କ୍ରିକେଟ୍ ଟିମ୍‌କୁ ନୂଆ ଉଚ୍ଚତାକୁ ନେବ ।ପୁମାର ଅନ୍ୟ ଆମ୍ବାସଡରଙ୍କ ମଧ୍ୟରେ ଥିବା ବିରାଟ କୋହଲି, କେଏଲ ରାହୁଲ, କରୀନା କପୁର ଖାନ୍, ଯୁବରାଜ ସିଂହ, ସୁନୀଲ ଛେତ୍ରୀ ଏବଂ ନିକଟରେ ଯୋଗ ଦେଇଥିବା ହାର୍ଡି ସାନ୍ଧୁ ଏବଂ ଅନୁଷ୍କା ଶର୍ମା, ସ୍ପ୍ରିଣ୍ଟର ଉସେନ ବୋଲ୍ଟ, ଫୁଟ୍‌ବଲର ନେମାର ଜୁନିୟର ଏବଂ ସୁନୀଲ ଛେତ୍ରୀ, ବକ୍ସର ଏମସି ମେରୀ କମ୍, କ୍ରିକେଟର ହାର୍ଲିନ୍ ଦେଓଲ ଏବଂ ପାରା-ସୁଟର ଅବନୀ ଲେଖାରାଙ୍କ ସହ ଯୋଗ ଦେବେ । କୌରଙ୍କ ନାମରେ ଟି୨୦ଆଇ ଦ୍ରୁତତମ ଶତକ ହାସଲ କରିଥିବା ମହିଳା କ୍ରିକେଟରଙ୍କ ମଧ୍ୟରେ ଚତୁର୍ଥ ସ୍ଥାନରେ ରହିଛନ୍ତି ଏବଂ ଟି୨୦ଆଇରେ ଶତକ ହାସଲ କରିଥିବା ଭାରତର ଏକମାତ୍ର ମହିଳା କ୍ରିକେଟର ମଧ୍ୟ । ଏହାକୁ ନେଇ ହରମନ ପ୍ରୀତ କହିଛନ୍ତି ''ମୁଁ ମୋର ୨୦୧୩ ରେ ପ୍ରଥମ ଓଡିଆଇ ଶତକ ପୁମା ବୁଟ୍‌ରେ ହିଁ କରିଥିଲି । ଆଉ ଏବେ ପୁମାର ବ୍ରାଣ୍ଡ ମୁହଁ ଭାବରେ ସ୍ଥାନିତ ହେବାକୁ ଯାଉଛି । ସେ କହିଛନ୍ତି ''ପୁମା ଭଳି ବ୍ରାଣ୍ଡ୍ ଭାରତୀୟ ମହିଳା କ୍ରିକେଟରଙ୍କ ଉନ୍ନତି ପାଇଁ ସହଯୋଗ କରୁଥିବା ଏକ ଖୁସିର କଥା । ଏହା କେବଳ ଆରମ୍ଭ ମୋର ବିଶ୍ୱାସ ରହିଛି ଏହି ପଦକ୍ଷେପ ଅନେକ ମହିଳାଙ୍କୁ କ୍ରିକେଟରେ ଯୋଗଦେବାକୁ ଚାହୁଁଥିବା ସେମାନଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ସାହସ ଯୋଗାଇବ ।''

## ଭାରତ ପାଇଁ ରେକର୍ଡ କଲେ ୟୁଜି ଚ୍ହଲ

**ନୂଆଦିଲ୍ଲୀ :** ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆରେ ଭାରତ ପାଇଁ ରେକର୍ଡ କରିଛନ୍ତି ଷ୍ଟାର ରିଷ୍ଟ ସ୍ପିନର ୟୁଜି ଚ୍ହଲ । ସେ ଦ୍ରୁତ ବୋଲର ଭୁବନେଶ୍ୱର କୁମାରଙ୍କୁ ପଛରେ ପକାଇ ଦେଇଛନ୍ତି । ଏଥିସହ ସେ ଟି-୨୦ରେ ଭାରତ ପାଇଁ ସର୍ବାଧିକ ୱିକେଟ ଦଖଲକାରୀ କ୍ରିକେଟର ବନି ଯାଇଛନ୍ତି । ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଦ୍ୱିତୀୟ ଟି-୨୦ ପୂର୍ବରୁ ସର୍ବାଧିକ ୱିକେଟ ଦଖଲକାରୀ ଭାରତୀୟ କ୍ରିକେଟରଙ୍କ ତାଲିକାରେ ଚ୍ହଲ ଓ ଭୁବନେଶ୍ୱର କୁମାର ଗୋଟିଏ ସ୍ଥାନରେ ରହିଥିଲେ ।

କିନ୍ତୁ ଚ୍ହଲ ନ୍ୟୁଜିଲ୍ୟାଣ୍ଡ ଇନିଂସର ୪ର୍ଥ ଓଭରରେ ଫିନ ଆଲେନଙ୍କୁ ବୋଲ୍ଡ କରି ଭୁବନେଶ୍ୱର କୁମାରଙ୍କୁ ପଛରେ ପକାଇ ଦେଇଥିଲେ । ଏବେ ଟି-୨୦ରେ ଚ୍ହଲଙ୍କ ୱିକେଟ ସଂଖ୍ୟା ୯୧ରେ ପହଞ୍ଚି ଯାଇଛି । ଭୁବନେଶ୍ୱର କୁମାର ୯୦ ୱିକେଟ ସହ ଦ୍ୱିତୀୟ ସ୍ଥାନରେ ଅଛନ୍ତି । ୭୨ ୱିକେଟ ସହ ରବି ଅଶ୍ୱିନ ତୃତୀୟ ସ୍ଥାନରେ ରହିଛନ୍ତି ।



ପ୍ରଥମ ଟି-୨୦ ଖେଳୁ ନଥିବା ଚ୍ହଲଙ୍କୁ ଦ୍ୱିତୀୟ ମ୍ୟାଚ୍‌ରେ ସୁଯୋଗ ମିଳିଥିଲା । ସେ ଉମ୍ରାନ ମଲିକଙ୍କ ସ୍ଥାନରେ ଖେଳିଥିଲେ । ତାଙ୍କୁ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ମ୍ୟାଚ୍‌ର ୪ର୍ଥ ଓଭରରେ ବୋଲିଂ କରିବାକୁ ଦେଇଥିଲେ । ସେ ତୃତୀୟ ବଲରେ ହିଁ ଫିନ ଆଲେନଙ୍କୁ ଆଉଟ କରି ଭାରତ ପାଇଁ ସର୍ବାଧିକ ୱିକେଟ ଦଖଲକାରୀ କ୍ରିକେଟର ହୋଇଯାଇଥିଲେ । ୭୫ଟି ମ୍ୟାଚ୍‌ରେ ଚ୍ହଲ ଏବେ ୯୧ଟି ୱିକେଟ ଦଖଲ କରିଛନ୍ତି । ଭୁବନେଶ୍ୱର ୮୭ଟି ମ୍ୟାଚ୍‌ରେ ୯୦ଟି ୱିକେଟ ନେଇଛନ୍ତି ।ମ୍ୟାଚ୍ କଥା ବିଚାରକୁ ନେଲେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ନ୍ୟୁଜିଲ୍ୟାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୯୯ ରନ କରିଥିଲା । ଏହାର ଜବାବରେ ଭାରତ ମଧ୍ୟ ସଂଘର୍ଷ କରିଥିଲା । ଶେଷରେ ଦଳ ଗୋଟିଏ ବଲ ପୂର୍ବରୁ ୪ ୱିକେଟ ହରାଇ ଧାର୍ଯ୍ୟ ୧୦୦ ରନ ଟାର୍ଗେଟକୁ ହାସଲ କରିଥିଲା । ଏହି ବିଜୟ ସହ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଟି-୨୦ ସିରିଜ୍‌କୁ ୧-୧ ସ୍ଥିତିକୁ ମଧ୍ୟ ଆଣିବାକୁ ଦଳ ସକ୍ଷମ ହୋଇଛି ।

## ବେଦାନ୍ତ ଆଲୁମିନିୟମ ପକ୍ଷରୁ ସ୍ଥାୟୀତା ଲିଙ୍କଡ ଲୋନ ମାଧ୍ୟମରେ ୨୫୦ ମିଲିୟନ ଡଲାର ସଂଗ୍ରହ

**ନୂଆଦିଲ୍ଲୀ:** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, ଏହାର କ୍ୟାପେକ୍ସ ପଦକ୍ଷେପକୁ ଆର୍ଥିକ ସହାୟତା ଦେବା ତଥା କାର୍ବନ ନିର୍ଗମନ ହ୍ରାସ କରିବା ପାଇଁ ଖ୍ୟାତିସମ୍ପନ୍ନ ଆନ୍ତର୍ଜାତୀୟ ବ୍ୟାଙ୍କରୁ ସଷ୍ଟେନେବିଲିଟି ଲିଙ୍କଡ ଲୋନ (ଏସଏଲଏଲ) ମାଧ୍ୟମରେ ୨୫୦ ମିଲିୟନ ଡଲାର ସଂଗ୍ରହ କରିଛି ।

ଡିକାର୍ବୋନାଇଜେସନ୍ ଏବଂ ନିରାପତା ପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟଦକ୍ଷତା ପାରାମିଟର ଆଧାରରେ ଏହି ଋଣଗୁଡିକ ପ୍ରଦାନ କରାଯାଇଥିଲା, ଯାହା କମ୍ପାନୀ କ୍ୟାପିଟାଲ୍ ବ୍ୟୟ ଆଡକୁ ଏହି ପାଣ୍ଠି ନିୟୋଜନ କରିବାକୁ ଲକ୍ଷ୍ୟ ରଖିଛି । ଏହା ଉଚ୍ଚ ସ୍ତରିୟ ପଛୁଆ ଆଲୁମିନିୟମ୍ ଉତ୍ପାଦଗୁଡିକ ଏକୀକରଣ ଏବଂ ମୂଲ୍ୟଯୁକ୍ତ ଉତ୍ପାଦନ ସହିତ କମ୍ପାନୀର ଅଭିବୃଦ୍ଧି ଯାତ୍ରାକୁ ମଧ୍ୟ ସହାୟତା କରିବ । ଲୋନଦାତାମାନଙ୍କ ମଧ୍ୟରେ ମଧ୍ୟ ପୂର୍ବ ଏବଂ ଦୂର ପୂର୍ବର କେତେକ ବୃହତ ଅନ୍ତର୍ଜାତୀୟ ବ୍ୟାଙ୍କ, ଯଥା ମଶ୍ରେକ୍ ବ୍ୟାଙ୍କ, ଫାଷ୍ଟ ଆବୁଧାବି ବ୍ୟାଙ୍କ, କାତାର ନ୍ୟାସନାଲ ବ୍ୟାଙ୍କ କ୍ୟୁ.ପି.ଏସ.ସି, ସିଟିବିସି ବ୍ୟାଙ୍କ ଏବଂ ଅନ୍ୟମାନେ ଅନ୍ତର୍ଭୁକ୍ତ ଅଛନ୍ତି ଏବଂ ଏହି ମାଧ୍ୟମରେ ବେଦାନ୍ତ ଗ୍ରୁପ୍ ସହିତ ନୂତନ ସମ୍ପର୍କ ମଧ୍ୟ ଆରମ୍ଭ କରିଛନ୍ତି ।



ଏହା ହେଉଛି ବେଦାନ୍ତ ଗ୍ରୁପ୍ ର ପ୍ରଥମ ସ୍ଥିରତା ସଂଯୁକ୍ତ ଋଣ ଏବଂ ସବୁଜ ଅଭିବୃଦ୍ଧିରେ ବିନିଯୋଗ କରିବାକୁ କମ୍ପାନୀ ପକ୍ଷରୁ ଏହା ସ୍ଥିର କରାଯାଇଛି । କମ୍ପାନିର କାର୍ଯ୍ୟକଳାପକୁ ଡିକାର୍ବୋନାଇଜ୍ କରିବାକୁ ଏହି ପ୍ରୟାସର ଏକ ସକରାତ୍ମକ ଦୃଢୀକରଣ ଭାବରେ ଏହାକୁ ସଂରକ୍ଷଣ କରାଯାଇଛି । ଯେପରିକି ବେଦାନ୍ତ ଆଲୁମିନିୟମ୍ ଏହାର ଗ୍ରୀନ୍ ହାଉସ୍ ଗ୍ୟାସ୍ (ଜିଏଚଜି) ନିର୍ଗମନ ତୀବ୍ରତାକୁ ଆର୍ଥିକ ବର୍ଷ ୨୦୨୨ ରେ ୨୦୧୨ ବେସ୍ ଲାଇନ୍ ଠାରୁ ୨୪% ହ୍ରାସ କରିଛି । ଏହା ମଧ୍ୟ ପୂର୍ବ ଆର୍ଥିକ ବର୍ଷରେ ୩ ବିଲିଅନ୍ ୟୁନିଟରେ ନବୀକରଣ ଯୋଗ୍ୟ ଶକ୍ତିର ଭାରତର ସର୍ବବୃହତ ଗ୍ରାହକ ଥିଲା, ଯାହାକି ବ୍ରାଣ୍ଡେଡ୍ 'ରେଷ୍ଟୋରା' ଦ୍ୱାରା କମ୍ପାନୀ ଭାରତର ପ୍ରଥମ ନିମ୍ନ କାର୍ବନ 'ସବୁଜ' ଆଲୁମିନିୟମ ଉତ୍ପାଦନ ପାଇଁ ବ୍ୟବହୃତ ହୋଇଥିଲା ।

ଏହି ଅବସରରେ ଶ୍ରୀ ରାହୁଲ ଶର୍ମା, ସିଇଓ - ଆଲୁମିନିୟମ ବ୍ୟବସାୟ, ବେଦାନ୍ତ ଲିମିଟେଡ କହିଛନ୍ତି, "ଆଲୁମିନିୟମ ଭବିଷ୍ୟତରେ ସ୍ୱଚ୍ଛ କାର୍ବନ ପାଇଁ ଅପରିହାର୍ଯ୍ୟ ହେବ, ବୈଦ୍ୟୁତିକ ଯାନ ଠାରୁ ଆରମ୍ଭ କରି ଅକ୍ଷୟ ଶକ୍ତି ପର୍ଯ୍ୟନ୍ତ ଅନେକ ଶିଳ୍ପରେ ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରୟୋଗ ହେବ । ଲୋକଙ୍କ ନିରାପତା, ଆମର ମୂଲ୍ୟ-ଶୃଙ୍ଖଳାର ଡିକାର୍ବୋନାଇଜେସନ୍ ଏବଂ ଜଳର ସକରାତ୍ମକ କାର୍ଯ୍ୟ ଉପରେ ତୀକ୍ଷ୍ଣ ଧ୍ୟାନ ଦେଇ ସ୍ଥିରତାର ମୂଳଦୁଆ ଉପରେ ଆମର ଅଭିବୃଦ୍ଧି ଯୋଜନା ଗଠନ କରିବାକୁ ଆମେ ଇଚ୍ଛା କରୁଛୁ । ସ୍ଥାୟୀତା ଏବଂ ଦାୟିତ୍ୱ ବୋଧକ ଭାବେ ଆମର ବ୍ୟବସାୟ ବୃଦ୍ଧି ଦିଗରେ ବିନିଯୋଗ କରାଯିବ" ।

ମଶ୍ରେକର ଇଂଟରନ୍ୟାସନାଲ ବ୍ୟାଙ୍କିଙ୍ଗର ଗ୍ରୁପ୍ ହେଡ୍ ଶ୍ରୀ ତାରକ ଇଆଇ ନାହସ୍ କହିଛନ୍ତି: "ଏହି ଫ୍ଲାଗସିପ୍ ଡିଲ୍ ମାଧ୍ୟମରେ ଭାରତର ବୃହତମ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ସହିତ ପ୍ରଥମ ସ୍ଥିରତା ଲିଙ୍କ୍‌ଡ ଋଣରେ ଭାଗ ନେଇ ଆମେ ବେଶ ଆନନ୍ଦିତ । ଆମେ ଏକ ସ୍ୱଚ୍ଛ ଅଙ୍ଗାରକାମ୍ଳ ତଥା ସ୍ଥିର ଅର୍ଥବ୍ୟବସ୍ଥାର ପରିବର୍ତନକୁ ଏକ ସ୍ଥାୟୀ ଆର୍ଥିକ ବ୍ୟବସ୍ଥା ପ୍ରତି ଆମର ପ୍ରତିବଦ୍ଧତାକୁ ଦ୍ୱିଗୁଣିତ କରିବା ଏବଂ କ୍ଷେତ୍ରଗୁଡିକରେ ବିନିଯୋଗ କରିବା ପାଇଁ ଏକ ପ୍ରକୃତ ସୁଯୋଗ ଭାବରେ ଦେଖୁ ଯାହାକି ଦାୟିତ୍ୱପୂର୍ଣ୍ଣ ଅର୍ଥନୈତିକ ଅଭିବୃଦ୍ଧି ଘଟାଇବ । ଏହି ସହଭାଗୀତା ସ୍ଥିର କର୍ଯ୍ୟଶୈଳିରେ ଏକ ଉଲ୍ଲେଖନୀୟ ଯୋଗକୁ ପ୍ରତିପାଦିତ କରେ ଯାହାକୁ ଆମେ ଆମର ଲୋକ, ଗ୍ରାହକ ଏବଂ ଅଂଶୀଦାରମାନଙ୍କ ପାଇଁ ଅଧିକ ମୂଲ୍ୟ ସୃଷ୍ଟି କରିବାକୁ ନିୟୋଜିତ କରୁଛୁ ।

ଫାଷ୍ଟ ଆବୁଧାବି ବ୍ୟାଙ୍କ (ଏଫଏବି) ର ଗ୍ଲୋବାଲ୍ କର୍ପୋରେଟ୍ ଫାଇନାନ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀ ଫାୱାଜ୍ ଅବୁସ୍ନେଇନେହ କହିଛନ୍ତି ଯେ "ଆମର ଅଭିନବ ଆର୍ଥିକ ସମାଧାନ ମାଧ୍ୟମରେ ବେଦାନ୍ତର ସ୍ଥିର ଏଜେଣ୍ଡାକୁ ସମର୍ଥନ କରି ଏବଂ ଭାରତର ପରିବେଶ ଏବଂ ଅର୍ଥନୈତିକ ଭବିଷ୍ୟତରେ ଆମର ପୁଞ୍ଜି ବିନିଯୋଗକୁ ଆହୁରି ଅଧିକ କରିବାକୁ ଏଫଏବି ଖୁସି ଅଟେ । ଏକ ଅଗ୍ରଣୀ ଆର୍ଥିକ ପ୍ରତିଷ୍ଠାନ ଭାବରେ, ଆମେ ବ୍ୟାଙ୍କିଙ୍ଗ୍ ଏବଂ ଫାଇନାନ୍ସର ସ୍ଥିରତା ପାଇଁ ଏକ ଦୃଢ ମାନଦଣ୍ଡ ସ୍ଥିର କରିବାକୁ ପ୍ରତିବଦ୍ଧ ବୋଲି ୨୦୧୭ ରେ ମଧ୍ୟ ପୂର୍ବର ପ୍ରଥମ ସବୁଜ ବଣ୍ଡ ଜାରି କରିଛୁ ଏବଂ ଜିସିସିରେ ପ୍ରଥମ ବ୍ୟାଙ୍କ ହୋଇ ନେଟ୍-ଜିରୋ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ହାସଲ କରିବାକୁ ପ୍ରତିଶ୍ରୁତି ଦେଇଛୁ । ଆମର ଅପରେସନ୍ ଏବଂ ପୋର୍ଟଫୋଲିଓ ଦ୍ୱାରା ଆମେ ନିଶ୍ଚିତ ଯେ ଏହି ନୂତନ ସହଭାଗୀତା ସ୍ୱଚ୍ଛ ଏବଂ ସବୁଜ ଉତ୍ପାଦନକୁ ପରିବର୍ତନ କରିବାରେ ସାହାଯ୍ୟ କରି ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ହାସଲ କରିବ । "







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray